# ଐଶ୍ୱରିକ ଦୀପ୍ତି

(ତଜଲ୍ଲିୟାତେ ଇଲାହିୟା)

ଲେଖକ:
ହଜରତ ମିର୍ଜା ଗୁଲାମ ଅହମଦ[ଅ.ସ]
ପ୍ରତିଶ୍ରୁତ ମସିହ ଓ ମେହଦୀ

# ଐଶ୍ୱରିକ ଦୀପ୍ତି

(ତଜଲିୟାତେ ଇଲାହିୟା)

ଲେଖକ:

**ହଜରତ୍ ମିର୍ଜା ଗୁଲାମ୍ ଅହମଦ୍** ଅ.ସ

ପ୍ରତିଶ୍ରୁତ ମସିହ୍ ଓ ମେହ୍‌ଦୀ

# ଐଶ୍ୱରିକ ଦୀପ୍ତି

ମୂଳ ଉର୍ଦ୍ଦୁ : 'ତଜଲିୟାତେ ଇଲାହିୟା'

ଲେଖକ : **ହଜରତ୍ ମିର୍ଜା ଗୁଲାମ ଅହମଦ**[ଅ.ସ], ପ୍ରତିଶ୍ରୁତ ମସିହ ଓ ମେହଦୀ ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଓଡ଼ିଆ ରୂପାନ୍ତର: ମୌ. ଅନୱର୍ ଅହମଦ୍ ଖାନ୍

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରଦାସ୍‌ପୁର, ପଞ୍ଜାବ (ଭାରତ)- ୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୪, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା: ୩୦୦)

## TAJLLIYATE ILAHIYYA

*Author of the Book* : **Hazrat Mirza Ghulam Ahmad**[as]
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Anwar Ahmad Khan**, Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2024, First Edition in Odia (300 copies)
*Printed at* : Fazle Umar Printing Press, Qadian (India)

*No part of this translation and commentary may be reproduced in any form without prior permission from the Publisher, except for the quotation of brief passages in criticism.*

**ISBN:**



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ

# ପୁସ୍ତକ ପରିଚୟ

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି[ଅ.ସ]

ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନି ପ୍ରତିଶ୍ରୁତ ମସିହ ଓ ମେହଦୀ[ଅ.ସ] ଏହି ପୁସ୍ତକଟି ୧୯୦୬ମସିହା ମାର୍ଚ୍ଚ ମାସରେ ରଚନା କରିଥିଲେ । କିନ୍ତୁ ଏହାର ପ୍ରଥମ ସଂସ୍କରଣ ମୂଳ ଉର୍ଦ୍ଦୁ ଭାଷାରେ ୧୯୨୨ମସିହାରେ ହୋଇଥିଲା । ଏଥିରେ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କ ଐଶୀବାଣୀ- "ଚମକ୍ ଦିଖଲାଉଁଗା ତୁମ୍ କୋ ଇସ୍ ନିଶାଁ କି ପନଜ୍ ବାର୍" ଅର୍ଥାତ ମୁଁ ତୁମକୁ ପାଞ୍ଚ ଥର ଚମତ୍କାର ଦେଖାଇବା ଅନ୍ତର୍ଗତ ପାଞ୍ଚ ଗୋଟି ଭୟଙ୍କର ଭୂମିକମ୍ପ ହେବାର ଭବିଷ୍ୟତ ବାଣୀ କରୁଅଛି । ଏହି ପୁସ୍ତକରେ ହଜରତ ମସିହ ମଉଦ[ଅ.ସ] (ଅଲ୍ଲାଃଙ୍କ) ନିକଟରୁ ନିଦର୍ଶନ ପ୍ରକଟ ହେବାର ରହସ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି ।

*******

## ପ୍ରକାଶକଙ୍କ କଲମରୁ:

ପ୍ରତିଶ୍ରୁତ ମସିହ ଓ ମେହଦୀ ହଜରତ ମିର୍ଜା ଗୁଲାମ ଅହମଦ କାଦିୟାନୀଙ୍କର ଲିଖିତ ପୁସ୍ତକ 'ତଜଲିୟାତେ ଇଲାହିୟା' ନାମରେ ମୂଳ ଭାଷା ଉର୍ଦ୍ଦୁରେ ସୁପ୍ରସିଦ୍ଧ । ଲୋକମାନଙ୍କ ଇଚ୍ଛା ଓ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ଓଡ଼ିଆ ଅନୁବାଦ ମୌଲବୀ ଅନୁଓ୍ୱର ଅହେମଦ ଖାନ୍ ସାହେବ ଶୀର୍ଷକ "ଐଶ୍ୱରିକ ଦୀପ୍ତି" ନାମରେ କରିଛନ୍ତି । ତ୍ରୁଟି ସଂଶୋଧନ ଓ ପୁସ୍ତକ ସମୀକ୍ଷା ଶ୍ରୀଯୁକ୍ତ ଅବ୍‌ଦୁଲ୍ ମାଲିକ୍ ସାହେବ, ମୌଲବୀ ଅନଓ୍ୱର ଅହମଦ ଖାନ୍ ସାହେବ ଓ ଶ୍ରୀମତୀ ଆଲିୟା ମେହମୁଦ୍ ସାହେବାଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଯାହା ଓଡ଼ିଶାବାସୀ ଏବଂ ଓଡ଼ିଆ ଭାଷାଭାଷୀମାନଙ୍କ ନିମନ୍ତେ ପ୍ରକାଶିତ କରାଯାଇଛି । ଅଲ୍ଲାଃତାଲା ସେ ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ ।

ଏହି ପୁସ୍ତକଟିକୁ ହଜରତ ଖଲିଫତୁଲ୍ ମସିହ ପଞ୍ଚମ ଅ.ବଙ୍କ ଅନୁମତିକ୍ରମେ ପ୍ରକାଶିତ କରାଯାଉଅଛି ।

ପାଠକମାନଙ୍କୁ ନିବେଦନ କି ସେମାନେ ଏହି ପୁସ୍ତକଟିକୁ ସ୍ୱୟଂ ଅଧ୍ୟୟନ କରନ୍ତୁ ଓ ନିଜର ସାଙ୍ଗସାଥୀମାନଙ୍କୁ ମଧ୍ୟ ପଢିବା ପାଇଁ ଅନୁପ୍ରାଣିତ କରନ୍ତୁ । ଯଦ୍ଦ୍ୱାରା ଉପରୋକ୍ତ ବିଷୟବସ୍ତୁର ଶୁଦ୍ଧ ଓ ବାସ୍ତବିକ ଜ୍ଞାନ ପ୍ରାପ୍ତ ହେଉ ।

ବିନୀତ

ହାଫିଜ୍ ମଖଦୁମ୍ ଶରିଫ୍

ନାଜିର୍ ନଶ୍‌ରୋ ଓ ଇଶାଅତ୍

(ଅଧ୍ୟକ୍ଷ ପ୍ରସାରଣ ଓ ପ୍ରକାଶନ ବିଭାଗ)

ସଦର ଅଞ୍ଜୁମନ୍ ଅହେମଦିୟା, କାଦିୟାନ୍

★ ★ ★ ★ ★

بِسۡمِ اللّٰهِ الرَّحۡمٰنِ الرَّحِيۡمِ

نحمدہٗ ونصلی علٰی رسولہ الکریم

ଏ ଜଗତକୁ ଜଣେ ସତର୍କକାରୀ ଆସିଲା କିନ୍ତୁ ଜଗତବାସୀ ତାହାକୁ ସ୍ୱୀକାର କଲେ ନାହିଁ କିନ୍ତୁ ଅଲ୍ଲାଃତାଲା ତାହାକୁ ସ୍ୱୀକାର କରିବେ ଏବଂ ଅତି ପରାକ୍ରମର ସହିତ ତାହାର ସତ୍ୟତା ପ୍ରତିପାଦନ କରିଦେବେ ।

ପାଞ୍ଚ ଗୋଟି ଭୂମିକମ୍ପ ପ୍ରକଟିତ ହେବା ସମ୍ପର୍କରେ ଅଲ୍ଲାଃତାଲାଙ୍କର ଭବିଷ୍ୟତ ବାଣୀ ଯାହାର ଶବ୍ଦମାନ ଏହିକି ଯେ- "ଚମକ୍ ଦିଖ୍‌ଲାଉଁଗା ତୁମ୍ କୋ ଇସ୍ ନିଶାଁ କି ପନଜ୍ ବାର୍" ଅର୍ଥାତ୍ ମୁଁ (ପରମେଶ୍ୱର) ତୁମକୁ ଏହି ନିଦର୍ଶନ ପାଞ୍ଚଥର ଦେଖାଇବି ।

ଏହି ଐଶ୍ୱରୀୟ ଓ୍ୱହି (ଦୈବୀବାଣୀ)ର ତାତ୍ପର୍ଯ୍ୟ ଏହି କି ଯେ, ଈଶ୍ୱର କୁହନ୍ତି; କେବଳ ମୋହରି ସତ୍ୟତା ଉପରେ ସାକ୍ଷ୍ୟ ଦେବା ପାଇଁ ଏବଂ କେବଳ ଏଥିଯୋଗୁଁ ଯେ, ଲୋକେ ବୁଝିଯାଆନ୍ତୁ କି ମୁଁ ଅଲ୍ଲାଃଙ୍କ ପ୍ରେରିତ ଦୂତ । ପାଞ୍ଚ ଗୋଟି ଭୟାବହ ଭୂମିକମ୍ପ ଗୋଟିଏ ପରେ ଗୋଟିଏ ସ୍ୱଳ୍ପ ସମୟ ବ୍ୟବଧାନରେ ପ୍ରକଟିତ ହେବ । ଯାହାକି ମୋ ସତ୍ୟବାଦୀ ହେବାର ପ୍ରମାଣ ହେବ ଏବଂ ତନ୍ମଧ୍ୟରୁ ପ୍ରତ୍ୟେକ (ଭୂମିକମ୍ପରେ) ଏପରି ପ୍ରକାଶ ରହିଥିବ ଯାହାକୁ ଦେଖିଲେ ଅଲ୍ଲାଃତାଲା ମନେ ପଡ଼ିଯିବେ ଏବଂ ସେମାନଙ୍କ ହୃଦୟରେ (ଏହାର) ଏକ ଭୟଙ୍କର ପ୍ରଭାବ ପଡ଼ିବ ତଥା ତାହା ନିଜ ଶକ୍ତି, ତୀବ୍ରତା ତଥା କ୍ଷୟକ୍ଷତି (କରିବା)ରେ ଅସାଧାରଣ (ରୂପ) ଧାରଣ କରିବ ଯାହାକୁ ଦେଖିଲେ ମନୁଷ୍ୟ ଚେତାଶୂନ୍ୟ ହୋଇଯିବ । ଏସବୁ କିଛି ଅଲ୍ଲାଃଙ୍କର ପ୍ରଭୁତ୍ୱର ପରିପ୍ରକାଶ ହେବ । କାରଣ ଲୋକେ ସମୟର (ଔଚିତ୍ୟକୁ) ଚିହ୍ନିଲେ ନାହିଁ । ଅଲ୍ଲାଃତାଲା କହୁଛନ୍ତି ଯେ, ମୁଁ ଲୁକ୍କାୟିତ ଥିଲି କିନ୍ତୁ ବର୍ତ୍ତମାନ ମୁଁ ସ୍ୱୟଂକୁ (ସର୍ବସାଧାରଣଙ୍କ ନିକଟରେ) ପ୍ରକାଶ କରିବି ଏବଂ ନିଜ ପରାକ୍ରମ ପ୍ରଦର୍ଶନ କରିବି ତଥା ନିଜ ଭକ୍ତମାନଙ୍କୁ (ସାଂସାରିକ ମୋହମାୟା)ରୁ ମୁକ୍ତ କରିବି ଠିକ୍ ସେହିପରି ଯେପରି ଫିରୌନ୍ କବଳରୁ ହଜରତ ମୁସା[ଅ.ସ] ଓ ତାଙ୍କ ସମ୍ପ୍ରଦାୟକୁ ମୁକ୍ତି ପ୍ରଦାନ କରାଗଲା ଏବଂ ଏହି ଚମ୍‌କାର ସେହିପରି ଦୃଶ୍ୟମାନ ହେବ ଯେପରି

ମୁସା ଫିରୌନ୍ ସମ୍ମୁଖରେ ପ୍ରଦର୍ଶିତ କରିଥିଲେ । ଈଶ୍ୱର କୁହନ୍ତି; ମୁଁ ସତ୍ୟବାଦୀ ଓ ମିଥ୍ୟାବାଦୀ ମଧ୍ୟରେ ପ୍ରଭେଦ କରି ଦେଖାଇବି ଏବଂ ତାହାକୁ ସାହାଯ୍ୟ ପ୍ରଦାନ କରିବି, ଯେ ମୋ ନିକଟରୁ (ପ୍ରେରିତ) ହୋଇଥିବ ଏବଂ ମୁଁ ସେମାନଙ୍କର ବିରୋଧୀ ହୋଇଯିବି ଯେଉଁମାନେ ସେହି (ଅବତାରଙ୍କର) ବିରୋଧୀ ହେବେ ।*

ଅତଏବ ହେ ଶ୍ରୋତାଗଣ ଶୁଣ ! ତୁମେମାନେ ମନେରଖ ଯଦି ଏହି ଭବିଷ୍ୟତ ବାଣୀଗୁଡ଼ିକ ଅତି ସାମାନ୍ୟ ରୂପେ ପ୍ରାଦୁର୍ଭାବ ହୁଏ ତେବେ ତୁମେ ବୁଝିନେବ ଯେ, ମୁଁ ଅଲ୍ଲାଃଙ୍କ ନିକଟରୁ **ଆସି ନାହିଁ** । କିନ୍ତୁ ଏହି ଭବିଷ୍ୟତ ବାଣୀଗୁଡ଼ିକ ପୂରଣ ହେବାର ଧାର୍ଯ୍ୟ ସମୟରେ ଜଗତରେ (ଏକ) ଚାଞ୍ଚଲ୍ୟ ସୃଷ୍ଟି କରିଦେଲା ଏବଂ ଅତିଶୟ ବିଚଳିତ ବଶତଃ (ଲୋକମାନଙ୍କୁ) ପାଗଳ ପରି କରିଦେଲା । ଅଧିକାଂଶ ସ୍ଥାନରେ ଏକାଧିକ ଅଟ୍ଟାଳିକା ଓ ଅନେକ (ବହୁମୂଲ୍ୟ) ଜୀବନ କ୍ଷତିଗ୍ରସ୍ତ କଲା । ତେବେ ତୁମେ ସେହି ଅଲ୍ଲାଃଙ୍କୁ ଭୟକର ଯେ ମୋ ପାଇଁ ଏସବୁ କିଛି କରି ଦେଖାଇଲେ । ସେହି ପରମେଶ୍ୱର ଯାହାଙ୍କ ଅଧୀନରୁ କ୍ଷୁଦ୍ରାତି କ୍ଷୁଦ୍ର କଣିକା ମଧ୍ୟ ବର୍ହିଭୂତ ନୁହେଁ, ତାଙ୍କ କବଳରୁ ମନୁଷ୍ୟ କେଉଁଆଡ଼େ ପଳାୟନ କରିପାରିବ ? ସେ (ଈଶ୍ୱର) କୁହନ୍ତି; ମୁଁ ଚୋରଙ୍କ ପରି ପ୍ରଚ୍ଛନ୍ନରେ ଆସିବି ଅର୍ଥାତ କୌଣସି ଜ୍ୟୋତିଷ ଅଥବା ଦୈବୀବାଣୀ ଲାଭକାରୀ ଅଥବା ସ୍ୱପ୍ନଦର୍ଶୀ ବ୍ୟକ୍ତିଙ୍କୁ ମଧ୍ୟ ସେଥିସମ୍ବନ୍ଧରେ ସୂଚିତ କରାଯିବ ନାହିଁ । କେବଳ ଏତିକି ମାତ୍ର ଖବର ଯାହାକି ସେ ନିଜ ମସିହ ମଉଦଙ୍କୁ ପ୍ରଦାନ କରିଦେଲେ ଅଥବା ଆସନ୍ତାରେ ସେଥିରୁ କିଛି ଅଧିକ ତାଙ୍କୁ ପ୍ରଦାନ କରିବେ । ଏହି ନିଦର୍ଶନ (ପ୍ରକାଶ ପାଇବା) ପରେ ସଂସାରରେ ଏକ ପରିବର୍ତ୍ତନ ସୃଷ୍ଟି ହେବ ଏବଂ ଅଧିକାଂଶ ହୃଦୟ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଆଡ଼କୁ ଆକର୍ଷିତ ହୋଇଯିବେ । ଅଧିକାଂଶ ପବିତ୍ର ହୃଦୟରୁ ସାଂସାରିକ ମୋହମାୟା ଶୀତଳ ପଡ଼ିଯିବ ଏବଂ ଅବହେଳାର ପରଦା ଉଠାଇ ଦିଆଯିବ । ବାସ୍ତବିକ ଇସଲାମର ସରବତ୍ (ସୁମଧୁର ପାନୀୟ) ସେମାନଙ୍କୁ ପିଆଇ ଦିଆଯିବ । ଯେପରିକି ପ୍ରଭୁ ସ୍ୱୟଂ କୁହନ୍ତି;

چو دَورِ خسروی آغاز کردند   مسلماں را مسلماں باز کردند

ଚୋ ଦୌରେ ଖୁସ୍‌ରଓ୍ୱୀ ଆଗାଜ୍ କରଦନ୍ଦ୍   ମୁସଲମାଁ ରା ମୁସଲମାଁ ବାଜ୍ କରଦନ୍ଦ୍

* ସାମାନ୍ୟ ନିଦ୍ରାବସ୍ଥାରେ ପରମେଶ୍ୱର ଗୋଟିଏ କାଗଜ ଉପରେ ଉଲ୍ଲେଖ ଥିବା ମୋତେ ଦେଖାଇଲେ ଯେ, تلك آيات الكتاب المبين ତିଲ୍‌କା ଆୟାତୁଲ୍ କିତାବିଲ୍ ମୁବିନ୍ ଅର୍ଥାତ ପବିତ୍ର କୁରଆନର ସତ୍ୟତାର ଏହା ନିଦର୍ଶନ ହେବ ।

ଖୁସ୍‌ରୁ (ଅମିର୍) ଯୁଗରୁ ଅଭିପ୍ରାୟ ଏହି ବିନୀତର ନିମନ୍ତ୍ରଣ କାଳ ଅଟେ । କିନ୍ତୁ ଏଠାରେ ସାଂସାରିକ ରାଜୁତି ଯଥାର୍ଥ ନୁହେଁ ବରଂ ସ୍ୱର୍ଗୀୟ ରାଜୁତି ଯାହାକି ମୋତେ ପ୍ରଦାନ କରାଗଲା । ତେବେ ଉକ୍ତ ଐଶୀବାଣୀର ସାରାଂଶ ଏହିକି ଯେ, ଯେତେବେଳେ ଖୁସ୍‌ରୁଙ୍କ ଯୁଗ ଅର୍ଥାତ ଇସା ମସିହଙ୍କ ଯୁଗ ଯାହାକି ପ୍ରଭୁଙ୍କ ଦୃଷ୍ଟିରେ ସ୍ୱର୍ଗୀୟ ରାଜୁତି ବୋଲାଇଥାଏ । ତାହା ଷଷ୍ଠ ହଜାର ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଆରମ୍ଭ ହେଲା, ଯେପରିକି ପରମେଶ୍ୱରଙ୍କ ପବିତ୍ର ଅବତାରମାନେ ଭବିଷ୍ୟବାଣୀ କରିଥିଲେ । ତେବେ ତାହାର ଏପରି ପ୍ରଭାବ ପଡ଼ିଲା ଯେ, ଯେଉଁମାନେ ନାମକୁ ମାତ୍ର ମୁସଲମାନ ଥିଲେ, ସେମାନେ ପ୍ରକୃତ (ନିଷ୍ଠାପର) ମୁସଲମାନ ପାଲଟି ଗଲେ । ଯେପରିକି ବର୍ତ୍ତମାନ ସୁଦ୍ଧା ସେମାନେ ପ୍ରାୟ ଚାରି ଲକ୍ଷ (ମୁସଲମାନ) ହୋଇଗଲେଣି ଏବଂ ମୋ ପାଇଁ ଏହା କୃତଜ୍ଞତାର ସ୍ଥାନ ଯେ, ମୋ ହସ୍ତରେ ପ୍ରାୟ ଚାରି ଲକ୍ଷ ଲୋକ ନିଜର ସମସ୍ତ ପ୍ରକାରର ଅପକର୍ମ, ପାପ ଓ ଶିରକ୍ (ଅନ୍ୟକୁ ଈଶ୍ୱରଙ୍କ ସମତୁଲ୍ୟ କରିବା)ରୁ ନିବୃତ୍ତ ରହିବାର କ୍ଷମା ଭିକ୍ଷା କଲେ । ହିନ୍ଦୁମାନଙ୍କ ମଧ୍ୟରୁ ଏକ ଦଳ ଓ ଇଂରେଜମାନଙ୍କର ମଧ୍ୟ ଏକ ଦଳ ଇସଲାମ ଧର୍ମରେ ଦୀକ୍ଷିତ ହେଲେ । ଯେମିତିକି କାଲି ହିଁ ଜଣେ ହିନ୍ଦୁ ମୋ ହସ୍ତରେ ଇସଲାମ ଧର୍ମରେ ଦୀକ୍ଷିତ ହେଲେ । ଯାହାଙ୍କ ନାମ **ମୁହମ୍ମଦ ଇକବାଲ୍** ରଖାଗଲା । ମୁଁ କାଲି ହିଁ ଏହି ଐଶୀବାଣୀ ପାଠ କରୁଥିଲି ଯେ, ଏକଦା ହଠାତ୍ ମୋ ଆତ୍ମାରେ ଏହି ପଦ ଅବତୀର୍ଣ୍ଣ କରାଗଲା ଯାହାକି ପୂର୍ବ ଐଶୀବାଣୀ ପରେ ହେଲା ।

مقامِ او مبیں از راہِ تحقیر بدورانش رسولاں ناز کردند

ମୁକାମେ ଓ ମବିଁ ଅଯ୍ ରାହେ ତହକିର୍ ବଦୋରାନଶ ରସୁଲାଁ ନାଜ୍ କରଦନ୍ଦ

ଏହିପରି ପରମେଶ୍ୱର ଉକ୍ତ ଐଶୀବାଣୀରେ ଯେପରି ଲେଖା ଯାଇଛି, ମୋ ହସ୍ତରେ ଇସଲାମ ଧର୍ମ ପ୍ରସାର ଲାଭ କରିବାର ସୁସମାଚାର ପ୍ରଦାନ କଲେ । ଯେପରିକି ସେ କହିଲେ; **یاقمر یاشمس انت منّی وانا منك** ୟା କମ୍‌ରୁ ୟା ଶମ୍‌ସୁ ଅନ୍ତା ମିନ୍ନୀ ଓ ଅନା ମିନ୍‌କା ଅର୍ଥାତ ହେ ଚନ୍ଦ୍ର ଓ ହେ ସୂର୍ଯ୍ୟ! ତୁମେ ମୋ ଠାରୁ ଜାତ ଏବଂ ମୁଁ ତୁମ ଠାରେ ବିଦ୍ୟମାନ । ଏହି ଐଶୀବାଣୀରେ ପ୍ରଭୁ ମୋତେ ଥରେ ଚନ୍ଦ୍ର ବୋଲି ଅଭିହିତ କଲେ ଏବଂ ନିଜର ନାମ ସୂର୍ଯ୍ୟ ରଖିଲେ । ଏହାର ତାତ୍ପର୍ଯ୍ୟ ଏହିକି ଯେ, ଯେପରି ଚନ୍ଦ୍ର ସୂର୍ଯ୍ୟର ଆଲୋକରୁ ଉପକୃତ ଓ ଲାଭାନ୍ୱିତ ହୋଇଥାଏ । ଠିକ୍ ସେହିପରି ମୁଁ ପରମେଶ୍ୱରଙ୍କ ପ୍ରକାଶରୁ ଉପକୃତ ଓ ଲାଭାନ୍ୱିତ ହେଉଅଛି । ପୁନଶ୍ଚ ଦ୍ୱିତୀୟ ଥର ପରମେଶ୍ୱର ନିଜର ନାମ ଚନ୍ଦ୍ର ରଖିଲେ ଏବଂ

ମୋତେ ସୂର୍ଯ୍ୟ ନାମରେ ସମ୍ବୋଧନ କଲେ । ଏହାର ଅର୍ଥ ପ୍ରଭୁ ନିଜର ପରାକ୍ରମ ମୂଳକ ଭବ୍ୟତା ମୋ ମାଧ୍ୟମରେ ପ୍ରତିପାଦିତ କରିବେ । ସେ (ପରମେଶ୍ୱର) ଲୁକ୍କାୟିତ ଥିଲେ କିନ୍ତୁ ବର୍ତ୍ତମାନ ମୋ ହସ୍ତରେ ପ୍ରକଟିତ ହୋଇଯିବେ । ତାହାଙ୍କ ଚମକରୁ ଜଗତବାସୀ ଅଜ୍ଞାତ ଥିଲେ କିନ୍ତୁ ବର୍ତ୍ତମାନ ମୋ ମାଧ୍ୟମରେ ତାଙ୍କର ପରାକ୍ରମର ଚମକ ସଂସାରର ପ୍ରତ୍ୟେକ ପାର୍ଶ୍ୱରେ ପରିବ୍ୟାପ୍ତ ହୋଇଯିବ ଏବଂ ଯେପରି ତୁମେ ବିଜୁଳି ଘଡ଼ଘଡ଼ି ମାରିଲେ ଦେଖୁଛ ଯେ, ଗୋଟିଏ ପାର୍ଶ୍ୱ ଆଲୋକିତ ହୋଇ ହଠାତ୍ ସମ୍ପୂର୍ଣ୍ଣ ଆକାଶକୁ ଆଲୋକିତ କରି ଦେଇଥାଏ । ସେହିପରି ଚଳିତ ଯୁଗରେ ମଧ୍ୟ ଘଟିବ । ପରମେଶ୍ୱର ମୋତେ ସମ୍ବୋଧିତ କରି କହିଲେ; ତୁମ ପାଇଁ ମୁଁ ଧରାପୃଷ୍ଠରେ ଅବତରଣ କଲି ଏବଂ ତୁମ ସକାଶେ ମୋ ନାମ ଚମକିଲା । ମୁଁ ତୁମକୁ ସମଗ୍ର ସଂସାରବାସୀଙ୍କ ମଧ୍ୟରୁ ଚୟନ କରିଛି ଏବଂ (ଅଧିକନ୍ତୁ) କହିଲେ; قَالَ رَبُّكَ اِنَّهٗ نَازِلٌ مِّنَ السَّمَآءِ مَا یُرْضِیْكَ

କାଲା ରବ୍‌ବକା ଅନ୍‌ନହୁ ନାଜିଲୁନ୍ ମିନସ୍‌ସମାଆ ମାୟୁରଯିକା ଅର୍ଥାତ ତୁମ ପ୍ରଭୁ କହୁଛନ୍ତି ଯେ, ଆକାଶ ମାର୍ଗରୁ ଏପରି ଶକ୍ତିଶାଳୀ ଚମତ୍କାରମାନ ଅବତୀର୍ଣ୍ଣ ହେବ ଯାହାକୁ (ଅବଲୋକନ କରି) ତୁମେ ରାଜି ହୋଇଯିବ । ଅତଏବ ସେଗୁଡ଼ିକ ମଧ୍ୟରୁ ଏହି ଦେଶରେ (ଗୋଟିଏ ନିଦର୍ଶନ) ପ୍ଲେଗ୍ ଓ ଦୁଇଟି ଭୀଷଣ ବିନାଶକାରୀ ଭୂମିକମ୍ପ ତ ଆସିଗଲାଣି । ଯାହାର ମୁଁ ଈଶ୍ୱରଙ୍କ ଠାରୁ ଐଶୀବାଣୀ ପ୍ରାପ୍ତ କରି ବହୁପୂର୍ବରୁ ସୂଚିତ କରିଦେଇଥିଲି । କିନ୍ତୁ ବର୍ତ୍ତମାନ ପ୍ରଭୁ ଅବଗତ କରାଉଛନ୍ତି କି ଆହୁରି ପାଞ୍ଚ ଗୋଟି ଭୂମିକମ୍ପ ଆସିବ ଏବଂ ବିଶ୍ୱବାସୀ ତାହାର ଅସାଧାରଣ ଚମକ ଦେଖିବେ ଏବଂ ସେମାନଙ୍କ ଉପରେ ପ୍ରମାଣିତ କରାଯିବ ଯେ, ଏହା ପ୍ରଭୁଙ୍କର ଚିହ୍ନମାନ ଯାହାକି ତାଙ୍କ ଭକ୍ତ ମସିହ ମଉଦ [ଅ.ସ]ଙ୍କ ସକାଶେ ପ୍ରକାଶ ପାଇଲା । ଦୁଃଖଦ ! ଚଳିତ ଯୁଗର ଜ୍ୟୋତିଷଗଣ ଏହି ଭବିଷ୍ୟବାଣୀରେ ମୋର ଏପରି ମୁକାବିଲା କରୁଛନ୍ତି, ଯେପରିକି ଯାଦୁକରମାନେ ହଜରତ ମୁସା ନବୀଙ୍କର କରିଥିଲେ । ଆଉ କେତେକ ଅଜ୍ଞାନ ଐଶୀବାଣୀ ପ୍ରାପ୍ତକାରୀ ଯେ ଅନ୍ଧକାରମୟ ଗର୍ତ୍ତରେ ପଡ଼ି ରହିଛନ୍ତି, ସେମାନେ ବଲ୍‌ଅମ୍ (ଜଣେ ବ୍ୟକ୍ତି) ପରି ମୋ ମୁକାବିଲାରେ ସତ୍ୟକୁ ବର୍ଜନ କରୁଛନ୍ତି ଏବଂ ପଥଭ୍ରଷ୍ଟମାନଙ୍କର ସାହାଯ୍ୟ କରୁଛନ୍ତି । କିନ୍ତୁ ପରମେଶ୍ୱର କହୁଛନ୍ତି ଯେ, ମୁଁ ସମସ୍ତଙ୍କୁ ଅପମାନିତ କରିବି ଏବଂ ଅନ୍ୟ କାହାରିକୁ କଦାପି ଏହି ମର୍ଯ୍ୟାଦା ପ୍ରଦାନ କରିବି ନାହିଁ । ତେବେ ଏମାନଙ୍କୁ ଏକ ଅବସର ମିଳିଛି ଯେ, ସେମାନେ ନିଜ ଜ୍ୟୋତିଷବିଦ୍ୟା ଓ

ଭବିଷ୍ୟବାଣୀ ମାଧ୍ୟମରେ ମୋର ମୁକାବିଲା କରନ୍ତୁ ଏବଂ ଯଦି କୌଣସି ଆକ୍ରମଣକୁ ବର୍ତ୍ତମାନ ମଧ୍ୟ ଜାରି ରଖନ୍ତି ତେବେ ସେମାନେ ହତଭାଗ୍ୟ ଅଟନ୍ତି । ଅଲ୍ଲାଃତାଲା କୁହନ୍ତି, ଆମ୍ଭେ ସେ ସମସ୍ତଙ୍କୁ ପରାଜିତ କରିବୁ ଏବଂ ଆମ୍ଭେ ସେମାନଙ୍କର ଶତ୍ରୁ ପାଲଟିଯିବୁ ଯେ ତୁମର ଶତ୍ରୁ ଅଟନ୍ତି । ସେ କୁହନ୍ତି, ଆମ୍ଭେ ନିଜ ଗୋପନୀୟତାର ପରିପ୍ରକାଶ ନିମନ୍ତେ ତୁମକୁ ହିଁ ମନୋନୀତ କରିଛୁ ଏବଂ ପୃଥିବୀ (ମର୍ତ୍ତ୍ୟଲୋକ) ଓ ଆକାଶ (ସ୍ୱର୍ଗଲୋକ) ଉଭୟ ତୁମ ସାଥିରେ ରହିଛି, ଯେପରିକି ଆମ୍ଭ ସହିତ ରହିଛି । ତୁମେ ଆମ୍ଭ ସହିତ ଏପରି ସଂଶ୍ଳିଷ୍ଟ ଯେପରି ଆମ୍ଭ ପ୍ରାସାଦ (ଅରସ୍) ସଂଯୁକ୍ତ ରହିଛି । ଏଥି ସମ୍ପର୍କରେ ପବିତ୍ର କୁରଆନର ଆୟତ ଯେପରି ପ୍ରଭୁଙ୍କ ପ୍ରିୟ ଅବତାରମାନଙ୍କୁ ଅନ୍ୟମାନଙ୍କ ଠାରୁ ପୃଥକ କରିଥାଏ ଏବଂ ତାହା ଏହିକି ଯେ,

لَا يُظْهِرُ عَلٰى غَيْبِهٖۤ اَحَدًا ۙ اِلَّا مَنِ ارْتَضٰى مِنْ رَّسُوْلٍ

ଲା ୟୁଜ୍‌ହିରୁ ଅଲା ଗୈବିହି ଅହଦନ୍ ଇଲ୍ଲା ମନିର୍‌ତଜା ମିର୍‌ରସୁଲ୍ (ଜିନ୍ 72:27,28) ଅର୍ଥାତ ଭବିଷ୍ୟତର ସୁସ୍ପଷ୍ଟ ଖବର କେବଳ ଈଶ୍ୱରଙ୍କ ଅବତାରମାନଙ୍କୁ ପ୍ରଦାନ କରାଯାଇଥାଏ । ଅନ୍ୟମାନଙ୍କୁ ଏଥିରୁ ଭାଗ ମିଳି ନଥାଏ । ଅତଃ ଆମ ଜମାଅତକୁ ଆବଶ୍ୟକ କି ସେମାନେ (ପଥଭ୍ରଷ୍ଟ ହୋଇ) ଝୁଣ୍ଟି ନ ପଡ଼ନ୍ତୁ ଏବଂ ସେହିମାନେ ଯେ ମୋ ମୁକାବିଲାରେ ଛିଡ଼ା ହୋଇଛନ୍ତି ଏବଂ ମୋ ବୈଅତ୍‌କାରୀ (ଦୀକ୍ଷିତ)ଙ୍କ ମଧ୍ୟରେ ସାମିଲ ନାହାନ୍ତି । (ନିଜକୁ) ନିମିତ ମାତ୍ର ମଧ୍ୟ ନମଣନ୍ତୁ, ନଚେତ୍ (ତୁମେ) ପ୍ରଭୁଙ୍କ କୋପର ଶିକାର ହେବ । ପ୍ରତ୍ୟେକ ଅଭଦ୍ର ବ୍ୟକ୍ତି ଯେ ଭବିଷ୍ୟବାଣୀ କରିଥାଏ, ପ୍ରଭୁ ଏପରି ବ୍ୟକ୍ତିଙ୍କ ମାଧ୍ୟମରେ ସଚ୍ଚୋଟ ବିଶ୍ୱାସକାରୀଙ୍କୁ ପରୀକ୍ଷା କରିଥାନ୍ତି । ଯେ କ'ଣ ସେମାନେ (ଈଶ୍ୱରଙ୍କ ବ୍ୟତିରେକେ) ଅନ୍ୟକୁ ସେହିପରି ପ୍ରାଧାନ୍ୟ ଓ ମାନସମ୍ମାନ ଦେଉଛନ୍ତି ଯାହାକି ଈଶ୍ୱର ଓ ତାଙ୍କ ଅବତାରଙ୍କୁ ଦେବା ଅନିର୍ବାର୍ଯ୍ୟ ଏବଂ ସେ ଏହା ମଧ୍ୟ ଦେଖିଥାନ୍ତି ଯେ କ'ଣ ସେ ସତ୍ୟ ଉପରେ ପ୍ରତିଷ୍ଠିତ ଅଥବା ନୁହେଁ, ଯାହାକି ସେମାନଙ୍କୁ ପ୍ରଦାନ କରାଯାଇଛି ।

ଏବଂ ମନେରଖ ଯେ, ଯେତେବେଳେ ଏହି ପାଞ୍ଚଟି ଭୂମିକମ୍ପ ଆସିଯିବ ଏବଂ ଯେଭଳି ପରମେଶ୍ୱର ପ୍ରଳୟ ଆଣିବାର ମନସ୍ଥ କରିଛନ୍ତି ତାହା ଘଟିବ । ତା'ପରେ ପ୍ରଭୁଙ୍କ କୃପା ଓ କରୁଣା ଉନ୍ମାଦ ମାରିବ । ସେଥିଅନ୍ତେ ଅସାଧାରଣ ଓ ମହାପ୍ରଳୟଙ୍କରୀ ଭୂମିକମ୍ପ ଦୀର୍ଘ ଅବଧି ପର୍ଯ୍ୟନ୍ତ ସମାପ୍ତ ହୋଇଯିବ ଏବଂ ପ୍ଲେଗ୍

ମଧ୍ୟ ଦେଶରୁ ଉଭାନ ହୋଇଯିବ । ଯେପରିକି ପରମେଶ୍ୱର ମୋତେ ସମ୍ବୋଧନ କରି କହିଲେ; يَأْتِيْ عَلٰى جَهَنَّمَ زَمَانٌ لَيْسَ فِيْهَا اَحَدٌ

ୟାତି ଆଲା ଜହନ୍ନମା ଜମାନୁନ୍ ଲୈସା ଫିହା ଅହଦୁନ୍ ଅର୍ଥାତ ସେହି ନର୍କରେ ଯାହାକି ପ୍ଲେଗ୍ ଓ ଭୂମିକମ୍ପର ନର୍କ ଅଟେ । ଏକଦା ଏପରି ଯୁଗ ଆସିବ ଯେତେବେଳେ କି ସେହି ନର୍କରେ ଜଣେ ହେଲେ ମଧ୍ୟ ମନୁଷ୍ୟ ବାକି ରହିବେ ନାହିଁ । ଅର୍ଥାତ ସେହି ଦେଶରେ ଯେପରି ନୁହ୍ [ଅ.ସ]ଙ୍କ ସମୟରେ ଘଟିଲା ଯେ ବହୁଳ ସଂଖ୍ୟାରେ ପ୍ରାଣହାନୀ ହେବା ପରେ ଶାନ୍ତିର ଯୁଗ ଫେରି ଆସିଲା । ଠିକ୍ ସେହିପରି ଏଠାରେ ମଧ୍ୟ ଘଟିବ । ପୁନଶ୍ଚ ଏହି ଐଶୀବାଣୀ ପରେ ଅଲ୍ଲାଃତାଲା କୁହନ୍ତି; ثم يغاث الناس ويعصرون ସୁମ୍ମା ୟୁଗାସୁନ୍ ନାସା ଓୟାସରୁନ୍ ଅର୍ଥାତ ପୁନର୍ବାର ଲୋକମାନଙ୍କ ଦୁଆ ସ୍ୱୀକାର କରାଯିବ ଏବଂ ଯଥା ସମୟରେ ବର୍ଷା ହେବ ଏବଂ ବଗିଚା ଓ ବିଲବାଡ଼ି ପ୍ରଚୁର ମାତ୍ରାରେ ଫଳ ପ୍ରଦାନ କରିବେ । ଆନନ୍ଦ ଓ ଉଲ୍ଲାସର ଯୁଗ ଆସିଯିବ ଏବଂ ଅସାମାନ୍ୟ ବିପତ୍ତିମାନ ଅପସରି ଯିବ । ଯଦ୍ଦ୍ୱାରା ଲୋକମାନେ ଏହା ମନେ କରିବେ ଯେ, ପରମେଶ୍ୱର କେବଳ ଜଣେ କଠୋର ଶାସ୍ତିଦାତା, ମାତ୍ର ଦୟାଳୁ ନୁହନ୍ତି । ଏତଦ୍ ଦ୍ୱାରା (ସେମାନେ) ମସିହଙ୍କୁ ଅଶୁଭ ନ ମଣନ୍ତୁ ।*

ସ୍ମରଣ ରହିଥାଉ ଯେ, ପ୍ରତିଶୃତ ମସିହଙ୍କ କାଳରେ ମୃତ୍ୟୁର ଆଧିକ୍ୟ ଜରୁରୀ ଥିଲା । ମହାପ୍ରଳୟଙ୍କରୀ ଭୂମିକମ୍ପ ଏବଂ ପ୍ଲେଗ୍ର ଆସିବା ବିଧିର ଏକ ଧାର୍ଯ୍ୟ ବିଧାନ ଥିଲା । ଉକ୍ତ ହଦିସ୍‌ର ଏହା ହିଁ ଯଥାର୍ଥ ଯେଉଁଥିରେ ଉଲ୍ଲେଖ ରହିଛି ଯେ, ପ୍ରତିଶୃତ ମସିହଙ୍କ ଫୁଙ୍କ ମାରିବାରେ ଲୋକମାନେ ମୃତ୍ୟୁବରଣ କରିବେ

* ପ୍ରତିଶୃତ ମସିହଙ୍କ ପାଇଁ ପ୍ରାରମ୍ଭରୁ ଏହା ଧାର୍ଯ୍ୟ ରହିଛି ଯେ, ପ୍ରଥମେ ସେ ଭୀଷଣ ଉଗ୍ର ରୂପରେ ଆବିର୍ଭାବ ହେବେ । ଯେଉଁ ପର୍ଯ୍ୟନ୍ତ ତାଙ୍କ ଦୃଷ୍ଟି ପଡ଼ିବ ସେପର୍ଯ୍ୟନ୍ତ ଲୋକେ ମୃତ୍ୟୁର ଚିର ନିଦ୍ରାରେ ଶୋଇଯିବେ ଅର୍ଥାତ ସେହି ଯୁଗରେ ଜେହାଦ୍ ବାତିଲ ହୋଇଯିବ ଓ ଖଣ୍ଡାରେ (ଯୁଦ୍ଧ) ଲଢା ଯିବ ନାହିଁ । କେବଳ ପ୍ରତିଶୃତ ମସିହଙ୍କର ଆଧ୍ୟାତ୍ମିକ ମନୋଯୋଗ ଖଣ୍ଡାର କାର୍ଯ୍ୟ କରିବ ଏବଂ ଧ୍ୱଂସ ଓ ବୀଭତ୍ସକାରୀ ନିଦର୍ଶନ ଆକାଶରୁ ଅବତୀର୍ଣ୍ଣ ହେବ, ଯେପରି ମହାପ୍ରଳୟଙ୍କରୀ ଭୂମିକମ୍ପ ଓ ପ୍ଲେଗ୍ ଆଦିର ବିପତ୍ତି । ତା'ପରେ ଯାଇ ପ୍ରଭୁଙ୍କ ମସିହ ମାନବଜାତି ଉପରେ କରୁଣ ଦୃଷ୍ଟି ନିକ୍ଷେପ କରିବେ ଏବଂ ଆକାଶରୁ ଦୟାର ଚିହ୍ନ ପ୍ରକାଶ ପାଇବ ଏବଂ ଲୋକମାନଙ୍କ ଆୟୁଷରେ ବରକତ୍ (ଆଶିଷ) ପ୍ରଦାନ କରାଯିବ ତଥା ଭୂ-ମଣ୍ଡଳରେ ପ୍ରଚୁର ମାତ୍ରାରେ (ଖାଦ୍ୟଶସ୍ୟ) ଉତ୍ପନ୍ନ ହେବ ।

ଏବଂ ଯେଉଁ ପର୍ଯ୍ୟନ୍ତ ପ୍ରତିଶୃତ ମସିହଙ୍କର ଦୃଷ୍ଟି ନିକ୍ଷେପ ହେବ ସେପର୍ଯ୍ୟନ୍ତ ତାଙ୍କର ପ୍ରାଣନାଶୀ ଫୁଙ୍କ'ର ପ୍ରଭାବ ପ୍ରତୀୟମାନ ହେବ । ସୁତରାଂ ଏପରି ମଣିବା ଉଚିତ୍ ନୁହେଁ ଯେ, ଉକ୍ତ ହଦିସ୍‌ରେ ପ୍ରତିଶୃତ ମସିହଙ୍କୁ ଜଣେ ଡ଼ାହାଣୀ ଭାବରେ ଅଭିହିତ କରାଯାଇଛି । ଯେ (ଗୋଟିଏ) ନଜର ପକାଇ ପ୍ରତ୍ୟେକଙ୍କର କଲିଜା କାଢ଼ି ଆଣିବ । ବରଂ ହଦିସ୍‌ର ଅର୍ଥ ଏହିକି ଯେ, ତାହାଙ୍କ ପବିତ୍ର କଥନ ଅର୍ଥାତ ତାହାଙ୍କ ବାଣୀ ଭୂ-ପୃଷ୍ଠର ଯେଉଁ ପର୍ଯ୍ୟନ୍ତ ପହଞ୍ଚିବ, ପ୍ରକାଶିତ ହେବ ସେତେବେଳେ ଯେହେତୁ ଲୋକମାନେ ତାଙ୍କର ଅସ୍ୱୀକାର କରିବେ ଏବଂ ତାଙ୍କୁ ମିଥ୍ୟାବାଦୀ କହି ଗାଳିଗୁଲଜ କରିବେ ତେଣୁ ସେମାନଙ୍କର ଏହି ପ୍ରତ୍ୟାଖ୍ୟାନ ତାଙ୍କୁ ଶାସ୍ତିର ଅଧିକାରୀ କରିଦେବ ।* ଏହି ହଦିସ୍ ଦର୍ଶାଉଅଛି ଯେ, ପ୍ରତିଶୃତ ମସିହଙ୍କର ତୀବ୍ର ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ ହେବ । ଯାହା ଫଳରେ ଦେଶରେ ଭୀଷଣ ମହାମାରୀ ବ୍ୟାପିଯିବ ଏବଂ ଭୟଙ୍କର ଭୂ-କମ୍ପ ଆସିବ ଓ ଦେଶରୁ ଶାନ୍ତି ଉଠିଯିବ । ନଚେତ୍ ଏହା ତ ଅନୁଚିତ ପ୍ରସଙ୍ଗ ଯେ, ଅଯଥାରେ ପୁଣ୍ୟବାନ ଓ ସଜ୍ଜନ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ଶାସ୍ତି ରୂପକ ବିପତ୍ତି ଭୋଗିବାକୁ ପଡ଼ିବ । ଏହି କାରଣରୁ ପୂର୍ବ କାଳରେ ମଧ୍ୟ ନିର୍ବୋଧ ଲୋକମାନେ ପ୍ରତ୍ୟେକ ଅବତାରଙ୍କ ଆଗମନକୁ ଅଶୁଭ ମଣୁଥିଲେ ଏବଂ ନିଜ କାର୍ଯ୍ୟକଳାପର କୁପରିଣାମ ପାଇଁ ସେମାନଙ୍କୁ ଦାୟୀ କରୁଥିଲେ । କିନ୍ତୁ ବାସ୍ତବରେ ଅବତାରଗଣ କଦାପି ପ୍ରଭୁଙ୍କ କୋପକୁ ଟାଣି ଆଣି ନଥାନ୍ତି । ବରଂ (ସେମାନେ) ଶାସ୍ତିର ପାତ୍ର ହେବାର ଅନ୍ତିମ ପ୍ରଚେଷ୍ଟାକୁ ପୂରଣ

---

* ଏହି ହଦିସ୍‌ରୁ ଏହା ମଧ୍ୟ ପ୍ରମାଣିତ ହେଉଛି ଯେ, ମସିହଙ୍କ କାଳରେ ଜିହାଦ୍‌ର ଆଦେଶ ରଦ୍ଦ କରିଦିଆଯିବ । ଯେପରିକି ସହି ବୁଖାରୀରେ ପ୍ରତିଶୃତ ମସିହଙ୍କ ସୁଗୁଣାବଳୀ ପ୍ରସଙ୍ଗରେ ଉଲ୍ଲେଖ ରହିଛି, ୟଜ୍‌ଉଲ୍ ହରବ୍ ଅର୍ଥାତ ଯେତେବେଳେ ପ୍ରତିଶୃତ ମସିହଙ୍କର ଆଗମନ ହେବ ସେତେବେଳେ (ସେ) ଯୁଦ୍ଧ ଓ ଜେହାଦ୍‌କୁ ଉଚ୍ଛେଦ କରିଦେବେ । ଏଥିରେ ଗୂଢ଼ତତ୍ତ୍ୱ ଏହିକି ଯେ, ଯେତେବେଳେ ମସିହଙ୍କ ଆଧ୍ୟାତ୍ମିକ ମନୋଯୋଗ ଦ୍ୱାରା (ପ୍ରଭୁଙ୍କର) କୋପ ଅବତୀର୍ଣ୍ଣ ହେବ ଏବଂ ଲକ୍ଷାଧିକ ଲୋକ ପ୍ଲେଗ୍ ଓ ଭୂ-କମ୍ପ ଆଦି ଶାସ୍ତି ଦ୍ୱାରା ମୃତ୍ୟୁ ବରଣ କରିବେ ସେତେବେଳେ ତରବାରି ମାଧ୍ୟମରେ କାହାରିକୁ ହତ୍ୟା କରିବାର ଆବଶ୍ୟକତା ରହିବ ନାହିଁ । କିନ୍ତୁ ପରମେଶ୍ୱର ଅତି ଦୟାଳୁ, ସେ କୌଣସି ଗୋଷ୍ଠୀକୁ ଗୋଟିଏ ସମୟରେ ଦୁଇ ପ୍ରକାରର କଠୋର ଶାସ୍ତିରେ ଦଣ୍ଡିତ କରି ନଥାନ୍ତି । ଅର୍ଥାତ ଗୋଟିଏ ଦଣ୍ଡ ଦେବାର ଶାସ୍ତି ଏବଂ ଦ୍ୱିତୀୟ ମାନବ ଦ୍ୱାରା ଖଣ୍ଡାର ଚାଳନା କରିବାର ଶାସ୍ତି । ପରମେଶ୍ୱର ପବିତ୍ର କୁରଆନରେ ଏହା ସ୍ପଷ୍ଟ ରୂପେ ଦର୍ଶାଇ ଦେଇଛନ୍ତି ଯେ, ଏହି ଦୁଇ ପ୍ରକାରର ଶାସ୍ତି ଏକକାଳୀନ ଅବତୀର୍ଣ୍ଣ ହୋଇ ନଥାଏ ।

କରିଥିବା ସକାଶେ (ପ୍ରଭୁ ସେମାନଙ୍କ ନିକଟକୁ) ଅବତାରଙ୍କୁ ପ୍ରେରଣ କରିଥାନ୍ତି ଏବଂ ତାହା ପ୍ରତିପାଦିତ ହେବା ସକାଶେ ଆବଶ୍ୟକତା ଉତ୍ପନ୍ନ କରିଦେଇଥାନ୍ତି । ଅବତାରଙ୍କ ଆଗମନ ବ୍ୟତିରେକେ କଠୋର ଶାସ୍ତି ଆସି ନଥାଏ । ତେବେ କୌଣସି ଅବତାରଙ୍କ ଆବିର୍ଭାବ ହେବା ପୂର୍ବରୁ କଦାପି କଠୋର ଶାସ୍ତି ଅବତୀର୍ଣ୍ଣ ହୋଇ ନଥାଏ । ଯେପରିକି ପବିତ୍ର କୁରଆନରେ ଅଲ୍ଲାଃତାଲା କୁହନ୍ତି;

وَمَا كُنَّا مُعَذِّبِيْنَ حَتّٰى نَبْعَثَ رَسُوْلًا (ବନୀ ଇସ୍ରାଇଲ୍ 17:16)

ଓ୍ୱମା କୁନ୍ନା ମୁଅଜ୍ ଜିବିନା ହତ୍ତା ନବ୍ଅସା ରସୁଲା **ତେବେ କ'ଣ କାରଣ ଯେ,** ଗୋଟିଏ ପାର୍ଶ୍ୱରେ ପ୍ଲେଗ ମହାମାରୀ ଦେଶକୁ ଗ୍ରାସ କରିଚାଲିଛି ଏବଂ ଅପରପାର୍ଶ୍ୱରେ ମହାପ୍ରଳୟଙ୍କରୀ ଭୂମିକମ୍ପ (ଆମ) ପିଛା ଛାଡୁ ନାହିଁ । ହେ ଅମନୋଯୋଗୀ ଲୋକମାନେ ! ସନ୍ଧାନ ତ କର ସମ୍ଭବତଃ ତୁମମାନଙ୍କ ମଧ୍ୟରେ କେହି ପରମେଶ୍ୱରଙ୍କ ନିକଟରୁ ନବୀ ଆସି ଯାଇଛନ୍ତି କି !* ଯାହାଙ୍କୁ ତୁମେମାନେ ଅସ୍ୱୀକାର କରୁଅଛ । ବର୍ତ୍ତମାନ ହିଜ୍ରୀ ଶତାବ୍ଦୀର ମଧ୍ୟ ୨୪ତମ ବର୍ଷ ପଦାର୍ପଣ କରିସାରିଲାଣି । ତେବେ କୌଣସି ଅବତାରଙ୍କ ବିନା ଆଗମନରେ ତୁମମାନଙ୍କ ଉପରେ ଏପରି ଭୟଙ୍କର ବିପତ୍ତି କାହିଁକି ମାଡ଼ି ଆସିଲା । ଯାହାକି ପ୍ରତିବର୍ଷ ତୁମ ବନ୍ଧୁ ପରିଜନମାନଙ୍କୁ ତୁମ ଠାରୁ ଛଡ଼ାଇ ନେଇ ତୁମ ହୃଦୟରେ ଚିରଦିନ ପାଇଁ ବିରହ ବିଚ୍ଛେଦର ଦାଗ ଛାଡ଼ି ଯାଉଛି । ଅନ୍ତତଃ କିଛି ତ କାରଣ ଥିବ ତେବେ ତୁମେ କାହିଁକି ଅନୁସନ୍ଧାନ କରୁ ନାହଁ ଏବଂ ତୁମେ କାହିଁକି ନିମ୍ନ ଆୟତ ଉପରେ ଚିନ୍ତନ କରୁ ନାହଁ । ଯେପରିକି ଅଲ୍ଲାଃତାଲା କୁହନ୍ତି, وَمَا كُنَّا مُعَذِّبِيْنَ حَتّٰى نَبْعَثَ رَسُوْلًا

ଓ୍ୱମା କୁନ୍ନା ମୁଅଜ୍ ଜିବିନା ହତ୍ତା ନବ୍ଅସା ରସୁଲା (ବନୀ ଇସ୍ରାଇଲ୍ 17:16) ଅର୍ଥାତ ଆମ୍ଭେ କୌଣସି ବସ୍ତି ଉପରେ ଅସାମାନ୍ୟ ଦଣ୍ଡବିଧାନ ଅବତୀର୍ଣ୍ଣ କରି

* ନବୀ ଶବ୍ଦର ଯଥାର୍ଥ କେବଳ ଚଳିତ ଯୁଗ ପାଇଁ ପରମେଶ୍ୱରଙ୍କ ଉଦ୍ଦେଶ୍ୟ ଏହି କି ଯେ, କୌଣସି ବ୍ୟକ୍ତି ପୂର୍ଣ୍ଣ ରୂପେ ପ୍ରଭୁଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ଅର୍ଜନ କରିବା ଏବଂ ଧର୍ମର ନବୀକରଣ କରିବା ପାଇଁ ନିର୍ଦ୍ଦେଶିତ ହୋଇଥାଏ । ଏପରି ନୁହେଁ କି ସେ କୌଣସି ନୂତନ ଶରିଅତ୍ (ଧର୍ମବିଧାନ) ନେଇ ଆସିବ । କାରଣ ଆମର ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅଙ୍କ ଠାରେ ହିଁ ଶରିୟତ୍ ଶେଷ (ସମ୍ପୂର୍ଣ୍ଣ) ହୋଇଗଲା ଏବଂ ହଜରତ ମୁହମ୍ମଦ ସ.ଅଙ୍କ ପରେ କୌଣସି ବ୍ୟକ୍ତି ସକାଶେ ନବୀ ଶବ୍ଦ ଆଦୌ ପ୍ରଯୁଜ୍ୟ ନୁହେଁ । ଯେପର୍ଯ୍ୟନ୍ତ ତାହାକୁ ଉମ୍ମତି (ଇସଲାମ ଧର୍ମାବଲମ୍ବୀ) କୁହାଯାଇ ନାହିଁ । ଯାହାର ଅର୍ଥ ଏହିକି ଯେ, ପ୍ରତ୍ୟେକ ପ୍ରକାରର ପୁରସ୍କାର ସେ ହୁଜୁର ସ.ଅଙ୍କ ଆନୁଗତ୍ୟ ସ୍ୱୀକାର କରିବାରେ ହିଁ ପ୍ରାପ୍ତ କରିଛି ନା କି ସିଧାସଳଖ ।

ନଥାଉ ଯେପର୍ଯ୍ୟନ୍ତ ଆମ୍ଭେ ବାସ୍ତବତା ସତ୍ୟସିଦ୍ଧ କରିବା ସକାଶେ ସେମାନଙ୍କ ନିକଟକୁ ଜଣେ ଅବତାର ପ୍ରେରଣ କରି ନଥାଉ । ବର୍ତ୍ତମାନ ତୁମେ ସ୍ୱୟଂ ଚିନ୍ତା କରି ଦେଖିନିଅ ଯେ କ'ଣ ଏହା ଅସାମାନ୍ୟ ଶାସ୍ତି ନୁହେଁ, ଯାହାକି ତୁମେ ଅନେକ ବର୍ଷ ହେଲା ଭୋଗ କରି ଆସୁଛ । ତୁମେ ସେହି ବିପତ୍ତି ଦେଖୁଅଛ ଯାହାର ତୁମ ପିତୃପିତାମହମାନେ ନାମ ମଧ୍ୟ ଶୁଣି ନଥିଲେ । ଯାହାର ସହସ୍ର ବର୍ଷ ପର୍ଯ୍ୟନ୍ତ ଏହି ଦେଶରେ ଚିହ୍ନବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନଥିଲା । ସମ୍ପ୍ରତି ତୁମେ ଯେଉଁ ପ୍ଲେଗ୍ ମହାମାରୀ ଓ ଭୂମିକମ୍ପ ଆଦି ଦେଖୁଅଛ, ମୁଁ ସେସବୁ ବିପତ୍ତିଗୁଡ଼ିକୁ ଗତ ୨୫ ବର୍ଷ ହେଲା ଅର୍ଦ୍ଧଚେତନ ଅବସ୍ଥାରେ ଦେଖି ଆସୁଅଛି । ଯଦି ପରମେଶ୍ୱର ଏସବୁର ଖବର ପୂର୍ବରୁ ମୋ ଉପରେ ପ୍ରକଟ କରି ନାହାନ୍ତି ତେବେ ମୁଁ ଜଣେ ମିଥ୍ୟାବାଦୀ ଅଟେ । କିନ୍ତୁ ଯଦି ଉକ୍ତ ଖବରମାନ ବିଗତ ୨୫ ବର୍ଷ ହେଲା ମୋ ପୁସ୍ତକଗୁଡ଼ିକରେ ଉଲ୍ଲେଖ ରହିଛି ଏବଂ ପୂର୍ବରୁ ମୁଁ ବାରମ୍ବାର ଏଥିସମ୍ପର୍କରେ ସୂଚିତ* କରି ଆସୁଅଛି, ଏଣୁ ତୁମମାନଙ୍କୁ ଭୟଭୀତ ହେବା ଉଚିତ୍ । ଏପରି ନହେଉ କି ତୁମେ ପରମେଶ୍ୱରଙ୍କ ଆରୋପର ପାତ୍ର ହୋଇଯାଅ । ତୁମେମାନେ ଶୁଣି ସାରିଛ ଯେ, ମୁଁ ୪ ଅପ୍ରେଲ ୧୯୦୫ ମସିହାରେ ଭୂମିକମ୍ପର ଭବିଷ୍ୟବାଣୀ ବର୍ଷେ ପୂର୍ବରୁ ଖବର କାଗଜରେ ପ୍ରକାଶ କରିଦେଇଥିଲି । ସେଥିରେ କେବଳ 'ଜଲ୍‌ଜଲା କା ଧକ୍କା' (ଭୂମିକମ୍ପର ଧକ୍କା) ଶବ୍ଦ ନଥିଲା ବରଂ ଏହି ଐଶୀବାଣୀ ମଧ୍ୟ ରହିଥିଲା عفت الدیار محلها ومقامها ଅଫଁତିଦ୍ ଦିୟାରୁ ମହଲ୍‌ଲୁହା ଓ ମୁକାମୁହା ଅର୍ଥାତ ପଞ୍ଜାବର କେତେକ ଭାଗର ଅଟ୍ଟାଳିକା ଧୂଳିସାତ ଓ (ବାସ) ଅନୁପୋଯୋଗୀ ହୋଇଯିବ । ତେଣୁ ବର୍ତ୍ତମାନ ମୋତେ ଏହି କଥା ଲେଖିବାର ଆବଶ୍ୟକତା ନାହିଁ ଯେ, କିପରି ସ୍ୱଷ୍ଟ ରୂପେ ସେହି ଭବିଷ୍ୟବାଣୀ ପୂରଣ ହୋଇଗଲା । ପୁନଶ୍ଚ ସେଥିଅନ୍ତେ ସେହି ଅପ୍ରେଲ ମାସରେ ହିଁ ଆମ୍ଭେ ପରମେଶ୍ୱରଙ୍କ ଐଶୀବାଣୀ ଅନୁଯାୟୀ ଏହି ଦ୍ୱିତୀୟ ଭବିଷ୍ୟବାଣୀ ମଧ୍ୟ ପ୍ରକାଶିତ କରିଦେଇଥିଲୁ ଯେ, ଯେପରିକି ଏହି ଭୂମିକମ୍ପ ୧୯୦୫ ମସିହା ଅପ୍ରେଲ୍ ମାସ ୪ ତାରିଖରେ ବସନ୍ତ ଋତୁରେ ଆସିଥିଲା ଠିକ୍ ସେହିପରି ଆଉ ଏକ ଭୂମିକମ୍ପ ବସନ୍ତ ଋତୁରେ ଆସିବ ଏବଂ ତାହା ପୂର୍ବରୁ କଦାପି ଆସିବ ନାହିଁ । ସୁନିଶ୍ଚିତ ରୂପେ ସେହି ଭୂମିକମ୍ପ ୨୫ ଫେବୃଆରୀ

* ଆଜକୁ ୨୫ ବର୍ଷ ପୂର୍ବରୁ ମୋ ପୁସ୍ତକ "ବରାହିନେ ଅହେମଦିୟା"ରେ ସେହି ଭୀଷଣ ଭୂ-କମ୍ପ ଆସିବା ସମ୍ପର୍କରେ ସୂଚିତ କରି ପ୍ରକାଶିତ କରି ଦିଆଯାଇଛି ।

୧୯୦୬ ମସିହା ପୂର୍ବରୁ ଆସିବ ନାହିଁ । ଅତଏବ ଏଗାର ମାସ ପର୍ଯ୍ୟନ୍ତ କୌଣସି ଭୂମିକମ୍ପ ହେଲା ନାହିଁ କିନ୍ତୁ ୧୯୦୬ ମସିହା ଫେବୃଆରୀ ମାସ ୨୫ ତାରିଖ ଅତିବାହିତ ହେବା ପରେ ଅର୍ଥାତ ୧୯୦୬ ମସିହା ଫେବୃଆରୀ ମାସ ୨୭ ତାରିଖ ପରଦିନ ଯାହାକି ବସନ୍ତ ଋତୁର ମଧ୍ୟଭାଗ ଥିଲା, ରାତ୍ରିର ଏକ ଘଟିକା ସମୟରେ ଏଭଳି ଭୟଙ୍କର ଭୂମିକମ୍ପ ଆସିଲା ଯେ, ଇଂରାଜୀ ଖବର କାଗଜ ସୁଲ୍ ଆଦିକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିଲା ଯେ, ଏହା ୪ ଅପ୍ରେଲ ୧୯୦୫ ମସିହାର ଭୂମିକମ୍ପ ପରି ଭୟଙ୍କର ଥିଲା । ଶିମ୍‌ଲା ଅଞ୍ଚଳର ରାମ୍‌ପୁର ସହର ଓ ଆହୁରି କେତେ ସ୍ଥାନରେ ଅନେକ ଅମୂଲ୍ୟ ଜୀବନ ତଥା (ଅଜସ୍ର) ଧନସମ୍ପତ୍ତି କ୍ଷତିଗ୍ରସ୍ତ ହେଲା । ଏହା ସେହି ଭୂମିକମ୍ପ ଥିଲା, ଯାହା ପ୍ରସଙ୍ଗରେ ଏଗାର ମାସ ପୂର୍ବରୁ ପରମେଶ୍ୱର ଐଶୀବାଣୀ ମାଧ୍ୟମରେ ସୂଚିତ କରିଦେଇଥିଲେ ଯେ,

ଫିର ବାହାର ଆଇ ଖୁଦାକି ବାତ୍ ଫିର ପୁରୀ ହୁଇ ।* ଅର୍ଥାତ ପୁନଶ୍ଚ ବସନ୍ତ ଆସିଲା ଏବଂ ପରମେଶ୍ୱରଙ୍କ କଥନ ପୂରଣ (ସତ୍ୟସିଦ୍ଧ) ହେଲା । ଅତଏବ ସେହି ଭବିଷ୍ୟବାଣୀ ଅନୁଯାୟୀ ବସନ୍ତ ଋତୁରେ ଏହି ଭୂମିକମ୍ପ ଆସିଲା । ବର୍ତ୍ତମାନ ଚିନ୍ତା କରି ଦେଖ ଯେ, ଏହା ପରାକ୍ରମୀ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟ କାହା

---

* ଦୁଃଖଦ ଯେ, କେତେକ ଇର୍ଷାପରାୟଣ ମୌଲବୀ ହଟଧର୍ମର ବଶବର୍ତ୍ତୀ ହୋଇ ଖୋଲାଖୋଲି ଭବିଷ୍ୟବାଣୀ ଉପରେ ଧୂଳି ଆଚ୍ଛନ୍ନ କରିବାକୁ ଉଦ୍ୟମ କରୁଛନ୍ତି ଏବଂ ଲୋକମାନଙ୍କୁ ଭ୍ରମିତ କରି ଏହା କହିଥାନ୍ତି ଯେ, ଆସନ୍ତାରେ ଭୂମିକମ୍ପ ହେବା ପ୍ରସଙ୍ଗରେ ତ ଏହା ଲେଖାଯାଇଥିଲା ଯେ, ତାହା ମହାପ୍ରଳୟର ଦୃଷ୍ଟାନ୍ତ ହେବ । କିନ୍ତୁ ଏହି ଭୂମିକମ୍ପ ତ ମହାପ୍ରଳୟଙ୍କରୀର ନମୁନା (ସଦୃଶ) ନୁହେଁ । ଏହାର ଉତ୍ତରରେ ଏହା ବ୍ୟତିରେକେ କ'ଣ କୁହାଯାଇପାରେ ଯେ, لعنة الله على الكاذبين ଲାନତୁଲ୍ଲାହି ଅଲଲ୍ କାଜିବୀନ୍ ମୁଁ ବାରମ୍ବାର ନିଜ ପତ୍ରପତ୍ରିକା ଓ ଇସ୍ତାହାରରେ ଏହି ଭବିଷ୍ୟବାଣୀ ପ୍ରକାଶିତ କରିସାରିଛି ଯେ, ଅନେକ ଭୂମିକମ୍ପ ଆସିବ । ଏବଂ ଏକପ୍ରକାର କୟାମତ୍ (ମହାପ୍ରଳୟର ପରିସ୍ଥିତି) ସୃଷ୍ଟି ହେବ ଅର୍ଥାତ ସେଥିରେ ଅନେକ (ମୂଲ୍ୟବାନ) ପ୍ରାଣହାନୀ ଘଟିବ । କିନ୍ତୁ ଗୋଟିଏ ଭୂମିକମ୍ପ ବସନ୍ତ ଋତୁରେ ଆସିବ । ଯେପରି ୪ ଅପ୍ରେଲ ୧୯୦୫ ମସିହାର ବସନ୍ତ ଋତୁରେ ଆସିଥିଲା ଏବଂ ତାହା ସମ୍ପର୍କରେ ଏହି ଭବିଷ୍ୟବାଣୀ ଥିଲା । ଫିର ବାହାର ଆଇ ଖୁଦାକି ବାତ୍ ଫିର ପୁରୀ ହୁଇ । ଅତଏବ ୧୯୦୬ ମସିହା ଫେବୃଆରୀ ମାସ ୨୮ ତାରିଖର ଭୂମିକମ୍ପ ଠିକ୍ ବସନ୍ତ ଋତୁରେ ଆସିଲା । ଯେଉଁଥିରେ ଆଠ ଜଣ ଲୋକ ଚିରନିଦ୍ରାରେ ଶୋଇ ପଡ଼ିଲେ ଏବଂ ୧୯ଜଣ ଶାରୀରିକ ଅକ୍ଷମ ହୋଇଗଲେ । ଏହା ବ୍ୟତୀତ ସହସ୍ର ଅଟ୍ଟାଳିକା ଧୂଳିସାତ ହେଲା ଏବଂ ସେହି ଭୂମିକମ୍ପ ପ୍ରସଙ୍ଗରେ ଖବର କାଗଜ "ପୈସା" ୧୯୦୬ ମସିହା ମାର୍ଚ୍ଚ ➔

ସାମର୍ଥ୍ୟରେ ଅଛି ଯେ, ଏଭଳି ସ୍ପଷ୍ଟ ରୂପେ ଭବିଷ୍ୟତ ବାଣୀ କରିପାରିବ । ମୋ ହସ୍ତରେ ଭୂ-ଗର୍ଭର ସ୍ତରଶଯ୍ୟା ନାହିଁ ଯେ, ମୁଁ ଏଗାର ମାସ ପର୍ଯ୍ୟନ୍ତ ତାହାକୁ ଧରି ରଖି ପାରିଥାନ୍ତି ଏବଂ ୨୫ ଫେବୃଆରୀ ୧୯୦୬ ମସିହା ପରେ (ମୁଁ) ଏକ ତୀବ୍ର ଧକ୍କା ଦେଇ ପୃଥିବୀକୁ ଆନ୍ଦୋଳିତ କରାଇ ଦେଇଥାନ୍ତି । ସୁତରାଂ ହେ ପ୍ରିୟଜନ ! ତୁମେମାନେ ଏହି ଉଭୟ ଭୂମିକମ୍ପ ସ୍ୱଚକ୍ଷୁରେ ଅବଲୋକନ କରିନେଲ । ଏବେ ତୁମମାନଙ୍କ ପକ୍ଷେ ଏକଥା ବୁଝିବା ଅତି ସହଜସାଧ୍ୟ ଯେ, ଭବିଷ୍ୟତରେ ଆହୁରି ୫ଗୋଟି ଭୂମିକମ୍ପ ଆସିବା ଖବର କୌଣସି (କପୋଳକଳ୍ପିତ) ଗଳ୍ପ ନୁହେଁ । ତୁମେମାନେ ଏକଥା ମଧ୍ୟ ବୁଝି ପାରିବ ଯେ, ଯେପରି ଏହା ବିଶ୍ୱାସ କରିବା ମନୁଷ୍ୟର ସାମର୍ଥ୍ୟ ବହିର୍ଭୂତ କି ଏଗାର ମାସ ପର୍ଯ୍ୟନ୍ତ ଅପ୍ରେଲ ମାସର ଭୂମିକମ୍ପ ପରି କୌଣସି ଭୂମିକମ୍ପ ଆସିବ ନାହିଁ । ବରଂ ୧୯୦୬ ମସିହା ୨୫ଫେବୃଆରୀ (ମାସ) ପରେ ଠିକ୍ ବସନ୍ତ ଋତୁରେ ଭୂମିକମ୍ପ ଆସିବ । ଏହିପରି ଏକଥା ବିଶ୍ୱାସ କରିବା ମଧ୍ୟ ମନୁଷ୍ୟର ସାମର୍ଥ୍ୟ ବାହାରେ ଯେ, ଏଥିଅନ୍ତେ ଆହୁରି ୫ଗୋଟି ଭୀଷଣ ଭୂମିକମ୍ପ ଆସିବ । ଯାହା ମାଧ୍ୟମରେ ପରାକ୍ରମୀ ପରମେଶ୍ୱର ନିଜ ଅଲୌକିକ (ପ୍ରତାପ) ଦେଖାଇବେ । ଏପରିକି ସେହି ପରାକ୍ରମୀ ପରମେଶ୍ୱରଙ୍କ ଅସ୍ତିତ୍ୱର ଯେଉଁମାନେ ଅସ୍ୱୀକାରୀ, ସେମାନଙ୍କୁ (ନିଜ) ସ୍ୱୀକାର କରିବା ଆଡ଼କୁ ଆକର୍ଷିତ କରିବେ । ତତ୍‌ପଶ୍ଚାତ ଶାନ୍ତି ପ୍ରତିଷ୍ଠା ହେବ ଏବଂ ସଂସାର ନିଜ ସାମାନ୍ୟ ଅବସ୍ଥାକୁ ଫେରି ଆସିବ । ସେଥିଅନ୍ତେ ଦୀର୍ଘ ଅବଧି ପର୍ଯ୍ୟନ୍ତ ସେହିପରି ଭୂମିକମ୍ପ ଆଉ ଆସିବ ନାହିଁ । ଏଥିରୁ ଆପଣମାନେ ବୁଝିପାରୁଥିବେ ଯେ, କୌଣସି ଭୌଗୋଳିକବିତ୍ ମଧ୍ୟ ଏଭଳି ସ୍ପଷ୍ଟ ଓ ବିସ୍ତାର ଭାବରେ ବ୍ୟାଖ୍ୟା କରିପାରିବେ ନାହିଁ । ବରଂ ସେହି ପରମେଶ୍ୱର ଯେ ପୃଥିବୀ ଓ ଆକାଶର ସୃଷ୍ଟିକର୍ତ୍ତା । ସେ କେବଳ ନିଜ ବିଶେଷ ଅବତାରଗଣଙ୍କୁ ଏହି ଗୋପନୀୟତା ପ୍ରସଙ୍ଗରେ ସୂଚିତ କରିଥାନ୍ତି, ନା କି ପ୍ରତ୍ୟେକଙ୍କୁ । ଯଦ୍ଦ୍ୱାରା ଲୋକମାନେ କୁଫର୍ (ଅମାନ୍ୟ) ଓ ଅସ୍ୱୀକାର କରିବାରୁ ବର୍ତ୍ତି ରହିବେ ଏବଂ ଯାହାଫଳରେ ସେମାନେ ବିଶ୍ୱାସ ଆଣି ନର୍କର

← ମାସ ୧୬ତାରିଖର ନିଜ ପ୍ରକାଶନର ପଞ୍ଚମ ପୃଷ୍ଠାର ତୃତୀୟ ପାରାରେ ଲେଖିଲା ଯେ, ୧୯୦୬ ମସିହା ଫେବୃଆରୀ ମାସ ୨୮ ତାରିଖ ଦିନ ରାତିରେ ମୌଜା ଦୋଦାଃପୁର ଜିଲ୍ଲା ଅମ୍ବାଲା ତହସିଲ୍ ଜଗାଧରୀର ସମସ୍ତ ନିବାସୀ ଶୟନ ଅବସ୍ଥାରେ ମୃତ୍ୟୁ ବରଣ କଲେ । ସେଠାକାର ମାତ୍ର ତିନି ଜଣ ଲୋକ ଜୀବିତ ରହି ଯାଇଥିଲେ ଏବଂ ନିରାଃ ଜିଲାସ୍ଥିତ ସାହାରଙ୍ଗପୁରରେ ଯେଉଁ ଭୂମିକମ୍ପ ଆସିଲା ସେଥିରେ ଏକ ଶୁଷ୍କ କୂପ ଜଳପୂର୍ଣ୍ଣ ହୋଇଗଲା ।

ଶାସ୍ତିରୁ ମୁକ୍ତି ପାଇବେ । ବସ୍ତୁତଃ ଦେଖ ମୁଁ ଭୂ-ପୃଷ୍ଠ ଓ ଆକାଶକୁ ସାକ୍ଷୀ ରଖି କହୁଛି ଯେ, ଆଜି ମୁଁ ସେହି ଭବିଷ୍ୟବାଣୀ ଯାହାକି ୫ଗୋଟି ଭୀଷଣ ଭୂମିକମ୍ପ ଆସିବା ପ୍ରସଙ୍ଗରେ ରହିଛି, ବିସ୍ତୃତ ଭାବରେ ଆଲୋଚନା କରିଦେଲି । ଯଦ୍ୱାରା ତୁମ୍ଭ ଉପରେ ଏହା ପ୍ରମାଣିତ ହୋଇଯାଉ ଏବଂ ତୁମ୍ଭର ପଥଭ୍ରଷ୍ଟ ଅବସ୍ଥାରେ ମୃତ୍ୟୁ ନହେଉ । ହେ ପ୍ରିୟଜନ! ପରମେଶ୍ୱରଙ୍କ ସହିତ ଲଢ଼ ନାହିଁ । କାରଣ ତାଙ୍କ ବିପକ୍ଷରେ ତୁମେ କସ୍ମିନକାଳେ ବିଜୟ ଲାଭ କରିପାରିବ ନାହିଁ । ପରମେଶ୍ୱର କୌଣସି ଗୋଷ୍ଠୀ ଉପରେ ଏଭଳି କଠୋର ଶାସ୍ତି ଅବତୀର୍ଣ୍ଣ କରି ନଥାନ୍ତି ଏବଂ ନା କଦାଚିତ ସେ ଏପରି କରିଛନ୍ତି ଯେପର୍ଯ୍ୟନ୍ତ ଇଶ୍ୱରଙ୍କ ନିକଟରୁ ସେହି ଗୋଷ୍ଠୀରେ ଜଣେ ଅବତାର ଆସିଯାଇ ନାହାନ୍ତି ଅର୍ଥାତ ଯେପର୍ଯ୍ୟନ୍ତ ପ୍ରଭୁଙ୍କ ପ୍ରେରିତ ଦୂତ ସେମାନଙ୍କ ମଧ୍ୟରେ ଆବିର୍ଭୂତ ହୋଇ ନାହାନ୍ତି । ସୁତରାଂ ତୁମେ ପ୍ରଭୁଙ୍କ ଚିରାଚରିତ ଧାର୍ଯ୍ୟ ବିଧାନରୁ ଉପକୃତ ହୁଅ ଏବଂ ଅନୁସନ୍ଧାନ କର ଯେ, ସେହି ଦୈବୀପୁରୁଷ କିଏ ? ଯାହା ସକାଶେ ତୁମ ସମୀପରେ (ଭବିଷ୍ୟବାଣୀ ଅନୁଯାୟୀ) ଆକାଶରେ ଠିକ୍ ରମଜାନ ମାସରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ଏବଂ ଭୂ-ପୃଷ୍ଠରେ ପ୍ଲେଗ୍ ମହାମାରୀ ପରିବ୍ୟାପ୍ତ ହେଲା ତଥା ଉକ୍ତ ଭବିଷ୍ୟବାଣୀ ଧାର୍ଯ୍ୟ ସମୟ ପୂର୍ବରୁ କିଏ ତୁମକୁ ଶୁଣେଇ (ଅବଗତ କରି) ଦେଇଥିଲା ଏବଂ କିଏ ଏ ଘୋଷଣା କରିଥିଲା ଯେ, ମୁଁ (ହିଁ ସେହି) ପ୍ରତିଶୃତ ମସିହ । ସେହି ବ୍ୟକ୍ତିର ସନ୍ଧାନ କର କାରଣ ସେ ତୁମମାନଙ୍କ ମଧ୍ୟରେ ବିଦ୍ୟମାନ ଅଛି ଏବଂ ତାହା ଏହିକି ଯେ, ଯେପରିକି ସେ କୁହନ୍ତି; وَلَا تَايۡـَٔسُوۡا مِنۡ رَّوۡحِ اللّٰهِ ؕ اِنَّهٗ لَا يَايۡـَٔسُ مِنۡ رَّوۡحِ اللّٰهِ اِلَّا الۡقَوۡمُ الۡكٰفِرُوۡنَ

(ସୁରେ ୟୁସୁଫ୍ 12: 88)

ଓ୍ୱଲାତୈଅସୁ ମିର୍ ରୁହିଲ୍ଲାହି ଇନ୍ନହୁ ଲାୟଇଅସୁ ମିର୍ ରୁହିଲ୍ଲାହି ଇଲ୍ଲଲ୍ କୌମୁଲ୍ କାଫିରୁନ୍

ବିନୀତ ଏହି ସ୍ଥାନରେ ନିଜ ବିଷୟବସ୍ତୁର ପରିସମାପ୍ତି କରି ଦେଇଥିଲା ଯେ, ଆଜି ଅର୍ଥାତ ୧୯୦୬ ମସିହା ମାର୍ଚ୍ଚ ମାସ ୧୫ ତାରିଖ ଗୁରୁବାର ଦିନ ପ୍ରାତଃରେ ପୁନଶ୍ଚ ଏହି ଐଶୀବାଣୀ ହେଲା- ଖୁଦା ନିକଲ୍‌ନେ କୋ ହୈ ।

انت منّی بمنزلة بروزی۔ وعداللہ اِنّ وعداللہ لا یُبدّل ଅନ୍ତା ମିନ୍ନି ବିମନ୍‌ଯିଲତି ବରୁଯି ଓାଦଲ୍ଲାହୁ ଇନ୍ନା ଓାଦଲ୍ଲାହି ଲାୟୁବଦ୍‌ଦିଲୁ ଅର୍ଥାତ ପ୍ରଭୁ ସେହି ପାଞ୍ଚ ଗୋଟି ଭୂମିକମ୍ପ ଆଣି ନିଜ ପରାକାଷ୍ଠା ପ୍ରଦର୍ଶିତ କରିବେ ଏବଂ ନିଜ ସତ୍ତାର ଦିଗ୍‌ଦର୍ଶନ କରାଇବେ । ତୁମେ ଆମ୍ଭ ସହିତ ଏପରି ଜଡ଼ିତ ଯେପରି ଆମ୍ଭେ ହିଁ ପ୍ରକଟ

ହୋଇଛୁ ଅର୍ଥାତ ତୁମର ଆବିର୍ଭାବ ହେବା ଆମ୍ଭର ପ୍ରକଟ ହେବା ସଦୃଶ । ଏହା ପ୍ରଭୁଙ୍କର ଅଙ୍ଗୀକାର ଯେ, ପାଞ୍ଚ ଗୋଟି ଭୂମିକମ୍ପ ମାଧ୍ୟମରେ ପରମେଶ୍ୱର ନିଜ ସତ୍ତାର ପ୍ରତିପାଦନ କରିବେ ଏବଂ ପ୍ରଭୁଙ୍କ ଅଙ୍ଗୀକାର କଦାପି ବୃଥା ଯାଇ ନଥାଏ ଓ ତାହା ସୁନିଶ୍ଚିତ ପୂରଣ ହେବ ।

ସ୍ମରଣ ରହିଥାଉ ଯେ, ଭବିଷ୍ୟବାଣୀ ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ଚେତାବନୀ ସମ୍ୱଳିତ ଯାହାର ଉଦ୍ଦେଶ୍ୟ କେବଳ ଦଣ୍ଡ ଦେବା ଓ ଶାସ୍ତି ଦେବା ହୋଇଥାଏ । ଏପରି ଭବିଷ୍ୟବାଣୀ ଯଦି ପ୍ରଭୁଙ୍କ ନିକଟରୁ ହୋଇଥାଏ ତେବେ ତାହା କେବଳ ଈଶ୍ୱରଭୟ, କ୍ଷମାଯାଚନା, ଦାନଧ୍ୟାନ ଓ ପ୍ରାର୍ଥନା ଦ୍ୱାରା ଟଳି ପାରେ । ଯେପରିକି ୟୁନୁସ୍ ନବୀଙ୍କର ଭବିଷ୍ୟବାଣୀ ଟଳିଗଲା ଏବଂ ପୂରଣ ହେଲା ନାହିଁ । କାରଣ ୟୁନୁସ୍ ନବୀଙ୍କୁ ଚେତାବନୀ ସ୍ୱରୂପ ଜଣାଇ ଦିଆଯାଇ ଥିଲା ଯେ, ୪୦ ଦିନ ମଧ୍ୟରେ ତୁମ ସମ୍ପ୍ରଦାୟ ଉପରେ ପ୍ରଭୁଙ୍କର କୋପ ଅବତୀର୍ଣ୍ଣ ହୋଇଯିବ ଏବଂ ଏହି ଦଣ୍ଡ ବିଧାନ ବିନା କୌଣସି ସର୍ତ୍ତରେ ଥିଲା । କିନ୍ତୁ ତଥାପି ଯେତେବେଳେ ୟୁନୁସ୍ ନବୀଙ୍କ ସମ୍ପ୍ରଦାୟ ଆତୁରତାର ସହିତ କ୍ଷମାପ୍ରାର୍ଥନା କଲେ ଏବଂ ସେମାନଙ୍କ ହୃଦୟ ଭୟଭୀତ ହୋଇଗଲା ସେତେବେଳେ ପ୍ରଭୁ ଉକ୍ତ ଶାସ୍ତିକୁ ସ୍ଥଗିତ କରିଦେଲେ ଏବଂ ସେହି ଧାର୍ଯ୍ୟ ଦଣ୍ଡ ବିଧାନ ଟଳିଗଲା । ଯଦ୍ୱାରା ୟୁନୁସ୍ ନବୀଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ସେ ପସନ୍ଦ କଲେ ନାହିଁ ଯେ, ମିଥ୍ୟାବାଦୀ ବୋଲାଇ ନିଜ ଜାତିକୁ ମୁହଁ ଦେଖାଇବି । ଚେତାବନୀ ମୂଳକ ଭବିଷ୍ୟବାଣୀ କ୍ଷମାଯାଚନା କରିବା ଅଥବା ଦାନଦକ୍ଷିଣା ଦ୍ୱାରା ଯାହା ଟଳି ଯାଇଥାଏ । ଏହା ଏକ ଧାର୍ଯ୍ୟ ନିୟମ ଯେ, ଯାହାକୁ କୌଣସି ଜାତି ଅବା ଗୋଷ୍ଠୀ ଅସ୍ୱୀକାର କରିପାରି ନଥାନ୍ତି । କାରଣ ସମସ୍ତ ଅବତାରଗଣଙ୍କ ସର୍ବସମ୍ମତି କ୍ରମେ ଏକଥା ମାନ୍ୟତା ପାଇଛି ଯେ, କ୍ଷମା ଯାଚନା କରିବା ଏବଂ ଦାନ ଦକ୍ଷିଣା ଦ୍ୱାରା ବିପତ୍ତି ଟଳି ଯାଇଥାଏ । ବର୍ତ୍ତମାନ ଏହା ସ୍ପଷ୍ଟ ହୋଇଗଲା ଯେ, ଯେଉଁ ବିପତ୍ତିକୁ ପରମେଶ୍ୱର କାହା ଉପରେ ଅବତୀର୍ଣ୍ଣ କରିବାର ନିଷ୍ପତ୍ତି କରି ସାରିଛନ୍ତି ଏବଂ ତାହାର ସୂଚନା ସେ ଅବତାରଙ୍କୁ ଧାର୍ଯ୍ୟ ସମୟ ପୂର୍ବରୁ କରି ଦିଅନ୍ତି ତେବେ ତାହାକୁ ଚେତାବନୀ ମୂଳକ ଭବିଷ୍ୟତ ବାଣୀ କୁହାଯିବ । ଆଉ ଯଦି ତାହାର ସୂଚନା ଅବତାରଙ୍କୁ ଧାର୍ଯ୍ୟ ସମୟ ପୂର୍ବରୁ ଦିଆ ନଯାଏ ତେବେ ସେଥିରେ ପରମେଶ୍ୱରଙ୍କର ଗୁପ୍ତ ଉଦ୍ଦେଶ୍ୟ ରହିଥାଏ । ଏହି ସ୍ଥାନରେ ସେହି ନିର୍ବୋଧ ମୌଲବୀମାନଙ୍କର କିଭଳି ଆନ୍ତରିକ ଅବସ୍ଥା ପରିପ୍ରକାଶ ହେଉଅଛି ଯେ, ମୋ ଉପରେ ଆପତ୍ତି କରି କହିଥାନ୍ତି ଯେ, ଡ଼େପୁଟି ଅବ୍ଦୁଲ୍ଲାଃ ଆଥମ୍ ୧୫ମାସ ଅବଧିରେ ମୃତ୍ୟୁବରଣ କଲା ନାହିଁ,

ବରଂ କିଛି ମାସ ପରେ ତାହାର ମୃତ୍ୟୁ ହେଲା । ସେମାନଙ୍କୁ ଜଣା ନାହିଁ ଯେ, ତାହା ଚେତାବନୀ ମୂଳକ ଭବିଷ୍ୟବାଣୀ ଥିଲା ଏବଂ ଏହା ସତ୍ତ୍ୱେ ୟୁନୁସ୍ ଅ.ସଙ୍କ ଭବିଷ୍ୟବାଣୀ ପରି ସ୍ଥିରୀକୃତ (ଭବିଷ୍ୟବାଣୀ) ନଥିଲା । ବରଂ ତାହା ସହିତ ଏହି (ସର୍ତ୍ତ ମୂଳକ) ଶବ୍ଦ ରହିଥିଲା ଯେ, ଯେପର୍ଯ୍ୟନ୍ତ (ସେ) ସତ୍ପଥ ଆଡ଼କୁ ଆନତ ହୋଇ ନାହିଁ, ଅର୍ଥାତ ଯଦି ତାହାର ହୃଦୟ ସତ୍ପଥ ଆଡ଼କୁ ଢ଼ଳି ଯାଇ ନାହିଁ ତେବେ (ସେ) ସେହି ଅବସ୍ଥାରେ ୧୫ମାସ ମଧ୍ୟରେ ମୃତ୍ୟୁବରଣ କରିବ । କିନ୍ତୁ ଏକଥା ଖ୍ରୀଷ୍ଟଧର୍ମୀଙ୍କ ସାକ୍ଷ୍ୟ ଦେବା ଫଳରେ ପ୍ରମାଣ ସିଦ୍ଧ ଯେ, ସେହି ମଜଲିସ୍‌ରେ ଯେତେବେଳେ ଏହି ଭବିଷ୍ୟବାଣୀ ପାଠ କରି ଶୁଣା ଯାଇଥିଲା ସେତେବେଳେ ସେ ସତ୍ପଥ ଆଡ଼କୁ ଆନତ ହୋଇ ଯାଇଥିଲା ଏବଂ ଭୟଭୀତ ହୋଇ ଯାଇଥିଲା । କାରଣ ମୋର ମୁବାହିସା (ଧର୍ମତର୍କ) କରିବାର ପ୍ରକ୍ରିୟା ଶେଷ ହେବା ପରେ, ୬୦ ଅବା ୭୦ଜଣ ସାକ୍ଷୀଙ୍କ ସମୀପରେ ଯେଉଁମାନଙ୍କ ମଧ୍ୟରେ କିଛି ମୁସଲମାନ ଓ କିଛି ଖ୍ରୀଷ୍ଟ ଧର୍ମାବଲମ୍ବୀ ମଧ୍ୟ ରହିଥିଲେ, ଡ଼ାଃ ମାର୍ଟିନ୍ କ୍ଲାର୍କର ନିବାସରେ ଉଚ୍ଚ ସ୍ୱରରେ ଏକଥା କହିଲି; ତୁମେ ନିଜର ଅମୁକ ପୁସ୍ତକରେ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ସ.ଅଙ୍କ ନାମ ଦଜ୍ଜାଲ୍ (ପ୍ରବଞ୍ଚକ) ରଖିଛ । ତେଣୁ ପରମେଶ୍ୱର ଇଚ୍ଛା କଲେ ଯେ, ଯଦି ତୁମେ ସତ୍ପଥ ଆଡ଼କୁ ଆନତ ନହୁଅ ତେବେ ୧୫ମାସ ମଧ୍ୟରେ ସେ ତୁମର ବିନାଶ କରିଦେବେ । ସେତେବେଳେ ସେ ଏହି ଭବିଷ୍ୟବାଣୀକୁ ଶୁଣିବା ମାତ୍ରେ ଭୟଭୀତ ହୋଇଗଲା ଏବଂ ତାହାର ଶରୀର ଲାଲବର୍ଣ୍ଣ ପାଲଟି ଗଲା । ସେ ନିଜ ଜିହ୍ୱା କାଢ଼ିଲା ଏବଂ ଦୁଇ ହସ୍ତ ନିଜ କର୍ଣ୍ଣରେ ରଖିଲା ତଥା ତାହାର ଶରୀର ଭୟରେ ଥରି ହୋଇ ଉଠିଲା । ସେ କ୍ଷମା ଯାଚନାକାରୀଙ୍କ ପରି ବିନମ୍ରତା ପୂର୍ବକ କହିଲା; ମୁଁ ହଜରତ ମୁହମ୍ମଦ ସ.ଅଙ୍କୁ କଦାପି ଦଜ୍ଜାଲ୍ (ପ୍ରବଞ୍ଚକ) କହି ନାହିଁ । ମୋ ମତରେ ସେତେବେଳେ ଉକ୍ତ ବୈଠକରେ ୩୦ରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟଧର୍ମାବଲମ୍ବୀ ଉପସ୍ଥିତ ଥିବେ । ଯେଉଁମାନଙ୍କ ମଧ୍ୟ ରେ ଜଣେ ଡ଼ାଃ ମାର୍ଟିନ୍ କ୍ଲାର୍କ ମଧ୍ୟ ଥିଲେ, ଯେ ବର୍ତ୍ତମାନ ସୁଦ୍ଧା ଜୀବିତ ଅଛନ୍ତି । ଯଦି ତାଙ୍କୁ ଶପଥ କରି ସାକ୍ଷ୍ୟ ଦେବାକୁ କୁହାଯାଏ ତେବେ ମୁଁ ଆଶା କରୁ ନାହିଁ ଯେ, ସେ ବାସ୍ତବିକ ଘଟଣା ବ୍ୟତିରେକେ ଅନ୍ୟଥା କିଛି ବୟାନ ଦେବେ ଅଥବା ସେହି ଘଟଣାକୁ ଲୁକ୍କାୟିତ ରଖିପାରିବେ । ପୁନଶ୍ଚ ତାହା ବ୍ୟତୀତ ଏକଥା ମଧ୍ୟ ପ୍ରମାଣ ସିଦ୍ଧ ଯେ, ଉକ୍ତ ଭବିଷ୍ୟବାଣୀକୁ ଶୁଣିବା ମାତ୍ରେ ଡ଼େପୁଟି ଅବ୍ଦୁଲ୍ଲାଃ ଆଥମ୍‌ର ହୃଦୟ ଭୀଷଣ ରୂପେ ଅସ୍ଥିର ଓ ବ୍ୟସ୍ତବିବ୍ରତ ହୋଇ ଉଠିଲା ଏବଂ ସେ ଭବିଷ୍ୟବାଣୀର ପ୍ରଭାବରେ ପାଗଳଙ୍କ ପରି ଆଚରଣ କରୁଥିଲା ଏବଂ ଅଧିକାଂଶ ସମୟରେ ରୋଦନ କରୁଥିଲା । ସେଥିଅନ୍ତେ ସେ ଇସଲାମ ଧର୍ମକୁ ରଦ୍ଦ କରିବା (ବିରୋଧ)ରେ ଗୋଟିଏ ପଦ ମଧ୍ୟ

ପ୍ରକାଶ କରି ନଥିଲା । ଏପରିକି କିଛି ମାସ ପରେ (ତାହାର) ମୃତ୍ୟୁ ହୋଇଗଲା ଏବଂ ମୁଁ କ୍ରମାଗତ ଭାବରେ ବିଜ୍ଞାପନ ମାଧ୍ୟମରେ ତାହା ଉପରେ ସତ୍ୟତା ପ୍ରମାଣିତ କଲି । ଆମ୍ଭେ ବିଜ୍ଞାପନରେ ଲେଖିଲୁ ଯେ, ଯଦି ଭବିଷ୍ୟବାଣୀର ସର୍ତ୍ତାନୁଯାୟୀ ସେ ସତ୍‌ପଥ ପ୍ରତି ଆନତ ହୋଇ ନଥିବାର ଶପଥ କରି ସାକ୍ଷ୍ୟ ଦିଅନ୍ତି ତେବେ ଏହି ବିନୀତ ପ୍ରତିଜ୍ଞା କରୁଅଛି ଯେ, ସେ ଶପଥ କରି ସାକ୍ଷ୍ୟ ଦେବା ପରେ ମୁଁ ତାଙ୍କୁ ଚାରି ହଜାର ଟଙ୍କା ଅକୁଣ୍ଠିତ ଭାବେ ପ୍ରଦାନ କରିବି । କିନ୍ତୁ ଖ୍ରୀଷ୍ଟଧର୍ମୀଙ୍କର ତାଙ୍କୁ ବାଧ୍ୟ କରିବା ସତ୍ତ୍ୱେ କି ଆପଣ ଶପଥ କରି ସାକ୍ଷ୍ୟ ଦିଅନ୍ତୁ, ସେ ଶପଥ (କରି ସାକ୍ଷ୍ୟ) ଦେଲା ନାହିଁ ଏବଂ ଏହି ପ୍ରସଙ୍ଗକୁ ସେ ଏପରି ଟାଳି ଦେଲା ଯେ, ନିୟମ (କରି) କହିବାକୁ ଆମ ଧର୍ମରେ ବାରଣ କରାଯାଇଛି । ଯେତେବେଳେ କି ଇନ୍‌ଜିଲ୍‌ରୁ ପ୍ରମାଣିତ ଯେ, ପିତରସ୍ ରାଣ ଖାଇଥିଲେ । ପୁନଶ୍ଚ ପୋଲୁସ୍ ରାଣ ଖାଇଥିଲେ ଏବଂ ସ୍ୱୟଂ ହଜରତ ଇସା ମସିହ ମଧ୍ୟ ରାଣ ଖାଇଥିଲେ । ତେବେ ବାରଣ କାହିଁକି ବା ହେବ ଏତଦ୍ ବ୍ୟତିରେକେ ଅଦାଲତ୍‌ମାନଙ୍କରେ ଏଯାବତ୍ ଖ୍ରୀଷ୍ଟଧର୍ମାବଲମ୍ବୀ ସାକ୍ଷୀଙ୍କୁ ରାଣ ଦିଆଯାଉଛି । ବରଂ ଅନ୍ୟମାନଙ୍କୁ (ମଧ୍ୟ) ସତ୍ୟପାଠ କରାଯାଏ ମାତ୍ର ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଠାରୁ ବିଶେଷ ରୂପେ ଶପଥ ନିଆଯାଇଥାଏ । ତେବେ ସେ ଯାହା ହେଉ ବିଭିନ୍ନ ଆଳ କରିବା ସତ୍ତ୍ୱେ ମଧ୍ୟ ସେ ମୃତ୍ୟୁ କବଳରୁ ବର୍ତ୍ତି ପାରିଲା ନାହିଁ ଏବଂ ଯେପରିକି ମୁଁ ବିଜ୍ଞାପନରେ ପ୍ରକାଶିତ କରିଥିଲି, ମୋର ଶେଷ ବିଜ୍ଞାପନ (ପ୍ରକାଶ ପାଇବା)ର ମାତ୍ର କିଛି ମାସ ପରେ ସେ ମୃତ୍ୟୁ ବରଣ କଲା । ଆଉ ରୋଗାକ୍ରାନ୍ତ ତ ସେ (ବିଜ୍ଞାପନର) ପ୍ରାରମ୍ଭିକ ଦିନରେ ହିଁ ହୋଇ ଯାଇଥିଲା ।

ଏହା ଆମ ବିରୋଧୀ ମୌଲବୀମାନଙ୍କ ଆରୋପ ଓ ଅଭିଯୋଗ । ଯେଉଁମାନେ ପବିତ୍ର କୁରଆନ ଓ ହଦିସ୍‌ର ଅଧ୍ୟୟନ କରି (ମଧ୍ୟ ଇସଲାମକୁ) ସର୍ବସ୍ୱାନ୍ତ କଲେ । ବର୍ତ୍ତମାନ ସୁଦ୍ଧା ତାଙ୍କୁ ଜଣା ନାହିଁ ଯେ, ସଚେତନ ମୂଳକ ଭବିଷ୍ୟବାଣୀ ଓ ଅଙ୍ଗୀକାର ମୂଳକ ଭବିଷ୍ୟବାଣୀ ମଧ୍ୟରେ ପାର୍ଥକ୍ୟ କ'ଣ ? ଏବଂ ସେମାନେ ଏବେ ମଧ୍ୟ ୟୁନୁସ୍ ନବୀଙ୍କ ସହିତ ଘଟିଥିବା ଘଟଣା ସମ୍ବନ୍ଧରେ ଅଜ୍ଞ ରହିଛନ୍ତି । ଯାହାକି "ଦୁର୍‌ରେ ମନସୁର୍"ରେ ବିସ୍ତୃତ ରୂପେ ବର୍ଣ୍ଣିତ ଅଛି । ଯେହେତୁ ସେମାନଙ୍କ ନିୟତ (ଉଦ୍ଦେଶ୍ୟ) ଶୁଦ୍ଧପୂତ ନଥିଲା ତେଣୁକରି ଆପତ୍ତି କରିବା ସମୟରେ ସେମାନଙ୍କର ସେହି ଭବିଷ୍ୟବାଣୀଗୁଡ଼ିକ ସ୍ମରଣ ରହିଲା ନାହିଁ । ଯାହାକି ଦଶ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ପୂରଣ ହୋଇଗଲାଣି ଏବଂ ଯେପରିକି ପରମେଶ୍ୱର କହିଥିଲେ, ଠିକ୍ ସେହିପରି ହିଁ ପୂରଣ ହେଲା । ଆଉ ଯଦି କୌଣସି ଚେତାବନୀ ପୂର୍ଣ୍ଣ ଭବିଷ୍ୟବାଣୀ ଯାହାକି କୌଣସି ବ୍ୟକ୍ତିର ଦଣ୍ଡ ବିଧାନ ସହିତ ସମ୍ପୃକ୍ତ ଥିଲା, ଧାର୍ଯ୍ୟ ସମୟରୁ ଟଳି

ଯିବାରୁ (ନିର୍ବୋଧ ଲୋକମାନେ) ହଟ୍ଟଗୋଳ କରୁଛନ୍ତି । ତେବେ ଏଥିରୁ ଜ୍ଞାତ ହେଉଛି ଯେ, ଈଶ୍ୱରଙ୍କ ପୁସ୍ତକ ଉପରେ ସେମାନଙ୍କର ବିଶ୍ୱାସ ନାହିଁ ଏବଂ ଆମ୍ଭ ଉପରେ ଆକ୍ରମଣ କରିବାକୁ ଯାଇ ବ୍ୟଗ୍ରତାରେ ସେମାନେ ସମସ୍ତ ଅବତାରମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ଏହି ଅଜ୍ଞାନ ଲୋକମାନେ ଜାଣି ନାହାନ୍ତି ଯେ, ଯଦି ଡ଼େପୁଟି ଆଥମ୍ ପନ୍ଦର ମାସ ମଧ୍ୟରେ ମୃତ୍ୟୁବରଣ ନକଲା ସେଠୁ କ'ଣ ହେଲା ଶେଷରେ ତ ଧାର୍ଯ୍ୟ ଅବଧି ପରେ ମୋ ଜୀବନ କାଳରେ ହିଁ ସେ ନଶ୍ୱର ସଂସାରରୁ ବିଦାୟ ନେଇଗଲା । ଭବିଷ୍ୟବାଣୀରେ ଏହି ଶବ୍ଦ ସ୍ପଷ୍ଟ ଭାବରେ ଉଲ୍ଲେଖ ଥିଲା ଯେ, ସତ୍ୟବାଦୀର ଜୀବନ କାଳରେ ହିଁ ମିଥ୍ୟାବାଦୀର ମୃତ୍ୟୁ (ଅନ୍ତ) ହେବ । ତାହାର ଦାବି ଥିଲା, ଖ୍ରୀଷ୍ଟିୟାନ୍ ଧର୍ମ ସତ୍ୟ ଏବଂ ମୋର ଦାବି ଥିଲା ଯେ, ଇସଲାମ୍ (ଧର୍ମ) ସତ୍ୟ ଅଟେ । ସୁତରାଂ ଐଶ୍ୱର୍ଯ୍ୟମୟ ପ୍ରଭୁ ମୋ ଜୀବନ କାଳରେ ତାହାକୁ ନିପାତ କରି ମୋତେ ସତ୍ୟବାଦୀ ସାବ୍ୟସ୍ତ କଲେ । ଏଥିଅନ୍ତେ ପନ୍ଦର ମାସର ଅବଧିକୁ ବାରମ୍ବାର ଆଲୋଚନା କରିବା ଏବଂ (ଭବିଷ୍ୟବାଣୀର) ଅନ୍ୟ ଉକ୍ତିଗୁଡ଼ିକୁ ଚର୍ଚ୍ଚା ନକରିବା କ'ଣ ଏହା ସେହି ମୌଲବୀମାନଙ୍କ ନ୍ୟାୟପରାୟଣତା ? ସେମାନେ ଚିନ୍ତା କରୁ ନାହାନ୍ତି ଯେ, ୟୁନୁସ୍ ନବୀଙ୍କ (ଗୋଷ୍ଠୀ ଉପରେ) ଶାସ୍ତି ଅବତୀର୍ଣ୍ଣ ହେବାର ଭବିଷ୍ୟବାଣୀ ତ ଅଟଳ ଥିଲା । ଯାହାଙ୍କ ପ୍ରସଙ୍ଗରେ ସୂଚିତ କରାଯାଇଥିଲା ଯେ, ଚାଳିଶ ଦିନ ମଧ୍ୟରେ ସୁନିଶ୍ଚିତ ଭାବରେ ଏହି ଗୋଷ୍ଠୀ ଉପରେ କୋପ ଅବତୀର୍ଣ୍ଣ ହୋଇଯିବ । କିନ୍ତୁ ସେହି ଶାସ୍ତି ସେମାନଙ୍କ ଉପରେ ନିପତିତ ହେଲା ନାହିଁ, ଏପରିକି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଜୀବନ କାଳରେ ହିଁ ୟୁନୁସ୍ ନବୀ ଇହଧାମରୁ ବାହୁଡ଼ି ଗଲେ । ଆଃ ଦୁଃଖଦ ! ଯଦି ଏହି ଲୋକମାନଙ୍କ ନିୟ୍ୟତ୍ (ଉଦ୍ଦେଶ୍ୟ) ପବିତ୍ର ଥା'ନ୍ତା ତେବେ ଆଥମ୍‌ଙ୍କ ଘଟଣା ପରେ ଯେଉଁ ଭବିଷ୍ୟବାଣୀ ଲେଖରାମ୍ ପ୍ରସଙ୍ଗରେ କରାଯାଇଥିଲା । ଯେଉଁଥିରେ କୌଣସି ସର୍ତ୍ତ ନଥିଲା ଏବଂ ସେଥିରେ ସ୍ପଷ୍ଟ ରୂପେ ସମୟ ଓ ମୃତ୍ୟୁର ପ୍ରକାରଭେଦ ମଧ୍ୟ ଦର୍ଶାଇ ଦିଆଯାଇଥିଲା । ସେମାନେ କେବଳ ଏହି ପ୍ରସଙ୍ଗରେ ଚିନ୍ତନ କରିଥାନ୍ତେ ଯେ, କିଭଳି ପ୍ରାଞ୍ଜଳ ଭାବରେ ତାହା ପୂରଣ ହେଲା । କିନ୍ତୁ ଯେତେବେଳେ ହୃଦୟ ଈର୍ଷାପରାୟଣତାରେ ଅନ୍ଧ ହୋଇଯାଏ ତେବେ କିପରି କେହି ଏସବୁ ପ୍ରସଙ୍ଗରେ ଚିନ୍ତନ କରିବ । ଆଉ ଯଦି ସେମାନଙ୍କ ଠାରେ ନିମିତ ମାତ୍ର ନ୍ୟାୟପରାୟଣତା ବାକି ଥାନ୍ତା ତେବେ ସେମାନଙ୍କ ପାଇଁ ଅତି ସରଳ ମାର୍ଗ ଉପଲବ୍ଧ ରହିଥିଲା ଯେ, ଯେଉଁ ଭବିଷ୍ୟବାଣୀଗୁଡ଼ିକ ପୂରଣ ହୋଇ ନଥିବାର ସେମାନେ ଆପତ୍ତି କରୁଛନ୍ତି, ତାହା ସେମାନେ ଲିଖିତ ଆକାରରେ ମୋ ନିକଟରେ ଉପସ୍ଥାପନ କରିଥାନ୍ତେ ଯେ, ସେସବୁ କି ପ୍ରକାରର । ଏବଂ ତା'ପରେ ମୋ ଠାରୁ ସେଗୁଡ଼ିକର ପ୍ରମାଣ ନେଇଥାନ୍ତେ ଯେ,

ସେହି ଭବିଷ୍ୟବାଣୀଗୁଡ଼ିକ ଯାହାକି ପୂରଣ ହୋଇଯାଇଛି ସେଗୁଡ଼ିକ କେତେ (ଅଧିକ ସଂଖ୍ୟାରେ) ରହିଛି । ତେବେ ଏହି ପରୀକ୍ଷାରେ ସେମାନଙ୍କ ହୃଦୟରେ ପଡ଼ି ରହିଥିବା ସମସ୍ତ ପରଦା ଉନ୍ମୁକ୍ତ ହୋଇଯାଇଥାନ୍ତା । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ସେମାନଙ୍କ ନିକଟରେ କେବଳ ଗୋଟିଏ ଦୁଇଟି ସତର୍କ ସୂଚକ ଭବିଷ୍ୟବାଣୀ ରହିଛି, ଯାହା ସହିତ ସର୍ତ୍ତ ମଧ୍ୟ ରହିଥିଲା । ଯାହା କି ଭୟ ଓ ଆତଙ୍କିତ ହେବା ଫଳରେ ବିଳମ୍ବିତ ହୋଇଥିଲା । ଯାହା ପ୍ରସଙ୍ଗରେ ପରମେଶ୍ୱରଙ୍କର ଚିରାଚରିତ ନିୟମ ପ୍ରଚଳିତ ଯେ, ସେଗୁଡ଼ିକ ତୌବା (ଅନୁତାପ ପୂର୍ବକ କ୍ଷମାଯାଚନା), ସଦ୍‌କା (ଦାନଦକ୍ଷିଣା) ଓ ପ୍ରାର୍ଥନା ଦ୍ୱାରା ଟଳି ଯାଇପାରେ । କିନ୍ତୁ ତାହା ବିରୁଦ୍ଧରେ ସେହି ଭବିଷ୍ୟବାଣୀଗୁଡ଼ିକ ପୂରଣ ହେଲା ଯାହାକି ଦଶ ହଜାରରୁ ମଧ୍ୟ ଊର୍ଦ୍ଧ୍ୱ ଅଟେ । ଯାହାର ଲକ୍ଷାଧିକ ଲୋକ ସାକ୍ଷୀ ଅଛନ୍ତି । କେବଳ ଗୋଟିଏ ଗୋଷ୍ଠୀ ନୁହେଁ ବରଂ ସମସ୍ତ ସମ୍ପ୍ରଦାୟ । ସେ ମୁସଲମାନ ହେଉ, କି ହିନ୍ଦୁ ଅଥବା ଖ୍ରୀଷ୍ଟଧର୍ମୀ (ସଭିଏଁ) ତାହାର ସାକ୍ଷ୍ୟ ଦେବା ପାଇଁ ପ୍ରତିବଦ୍ଧ । ସୁତରାଂ କ'ଣ ଏହା ସଙ୍କୋଚତା ଥିଲା ଯେ, ଭବିଷ୍ୟତ ବାଣୀଗୁଡ଼ିକର ଏକ ବିଶିଷ୍ଟ ସଂଖ୍ୟାଗରିଷ୍ଠ (କ୍ରମାଙ୍କ) ଯାହାର ସତ୍ୟତାର ଲକ୍ଷାଧିକ ଲୋକ ସାକ୍ଷୀ ଅଛନ୍ତି । ତାହାକୁ ନଗନ୍ୟ ଓ ନିରର୍ଥକ ମଣି ସେଥିରୁ ଉପକୃତ ନହେବା ଏବଂ କେବଳ ଗୋଟିଏ ଦୁଇଟି ସତର୍କ ସୂଚକ ଭବିଷ୍ୟବାଣୀ ଯାହାକି ପ୍ରଭୁଙ୍କ ଚିରାଚରିତ ବିଧାନ ଅନ୍ତର୍ଗତ ବିଳମ୍ବରେ ପୂରଣ ହେଲା, ତାହାକୁ ବାରମ୍ବାର ଉପସ୍ଥାପନ କରିବା ଯୁକ୍ତିଯୁକ୍ତ ? ଯଦି ଏହି ଆଚରଣ (ଅପରିବର୍ତ୍ତିତ) ରୁହେ ତେବେ କୌଣସି ଅବତାରଙ୍କ ଅବତାରତ୍ୱ ପ୍ରତିଷ୍ଠିତ ରହିପାରିବ ନାହିଁ । କାରଣ ଏପରି ଘଟଣାମାନର ନମୁନା ପ୍ରତ୍ୟେକ ଅବତାରଙ୍କ (ସମୟରେ) ଦେଖିବାକୁ ମିଳିଥାଏ । ଏଥିସକାଶେ ମୁଁ କହୁଅଛି ଯେ, ଏହି ଲୋକମାନେ ଧର୍ମ ଓ ସତ୍ୟତାର ଶତ୍ରୁ ଅଟନ୍ତି । ଆଉ ଯଦି ସେମାନଙ୍କ ମଧ୍ୟରୁ ଏବେ ମଧ୍ୟ କୌଣସି ଦଳ ପବିତ୍ର ହୃଦୟର ସହିତ ଆମ୍ଭ ନିକଟକୁ ଆସନ୍ତି ତେବେ ଆମ୍ଭେ ଏବେ ମଧ୍ୟ ସେମାନଙ୍କର ଅନୈତିକ ଓ ଅସଭ୍ୟ ସନ୍ଦେହର ଉତ୍ତର ପ୍ରଦାନ କରିବା ପାଇଁ ଉପସ୍ଥିତ (ପ୍ରସ୍ତୁତ) ଅଛୁ । ସେମାନଙ୍କୁ ଦେଖାଇବୁ ଯେ, ପରମେଶ୍ୱର କିଭଳି ଏକ ବିଶାଳ ସେନା ବାହିନୀ ପରି ଆମ୍ଭ (ସତ୍ୟବାଦୀ ହେବାର) ସାକ୍ଷ୍ୟ ଦେଇ ଭବିଷ୍ୟବାଣୀ ଉପଲବ୍ଧ କରିଛନ୍ତି । ଯାହାକି ଏଭଳି ରୂପେ ତାଙ୍କ ସତ୍ୟତାର ପରିପ୍ରକାଶ ହୋଇଅଛି ଯେପରି ଦିବସର ସୂର୍ଯ୍ୟାଲୋକ । ଏହି ଅଜ୍ଞ ମୌଲବୀମାନେ ଯଦି ନିଜ ଚକ୍ଷୁ ଜାଣିଶୁଣି ବନ୍ଦ ରଖନ୍ତି ତେବେ ରଖିଥାନ୍ତୁ । ଏତଦ୍ ଦ୍ୱାରା ସତ୍ୟତାର କ'ଣ ବା କ୍ଷତି ଘଟିବ ? କିନ୍ତୁ ସେହି ଯୁଗ ଅବଶ୍ୟମ୍ଭାବୀ ବରଂ ଖୁବ୍ ନିକଟତର ଯେ, ଅନେକ ଫିରୌନ୍ ସ୍ୱଭାବୀ (ଲୋକ) ସେହି ଭବିଷ୍ୟତ ବାଣୀ ଉପରେ ଚିନ୍ତନ କଲେ ଧ୍ୱଂସ ହେବାରୁ ରକ୍ଷା ପାଇଯିବେ । ପରମେଶ୍ୱର କୁହନ୍ତି; ଆମ୍ଭେ

(ସେମାନଙ୍କ ଉପରେ) କ୍ରମାଗତ ଭାବରେ ନିଜର ଶାସ୍ତି ଅବତୀର୍ଣ୍ଣ କରିବୁ ଏପର୍ଯ୍ୟନ୍ତ କି ତୁମର ସତ୍ୟତା ହୃଦୟମାନଙ୍କରେ ବସାଇ ଦେବୁ ।

ସୁତରାଂ ହେ ଧର୍ମଗୁରୁଗଣ ! ଯଦି ତୁମ ନିକଟରେ ପରମେଶ୍ୱରଙ୍କ ସହିତ ଲଢ଼ିବାର ସାମର୍ଥ୍ୟ ଅଛି ତେବେ ଲଢ଼ । ଆମ ପୂର୍ବରୁ ଜଣେ ଗରିବ ଅସହାୟ ମନୁଷ୍ୟ ମରିୟମ ପୁତ୍ରଙ୍କ ସହିତ ଇହୁଦୀମାନେ କେଉଁ ପ୍ରକାରର (ଅସଦାଚରଣ) କରି ନଥିଲେ ଏବଂ ଶେଷରେ ତାଙ୍କୁ କ୍ରୁଶରେ ଲଟକାଇ ଦେଲେ । କିନ୍ତୁ ପରମ ଦୟାଳୁ ପ୍ରଭୁ ତାଙ୍କୁ ସେହି କ୍ରୁଶର ମୃତ୍ୟୁରୁ ଉଦ୍ଧାର କଲେ ଏବଂ ସେହି ସମୟରେ ତାଙ୍କୁ ଏକ ମିଥ୍ୟାବାଦୀ ଓ ବିଶ୍ୱାସଘାତୀ ମନେକରା ଯାଉଥିଲା । ପୁନଶ୍ଚ ସେହି ସମୟ ଆସିଲା ଯେତେବେଳେ ତାଙ୍କର ମର୍ଯ୍ୟାଦା ଓ ସମ୍ମାନକୁ ହୃଦୟରେ ଉତ୍ପନ୍ନ କରି ଦିଆଗଲା ଯେ, ସମ୍ପ୍ରତି ୪୦କୋଟି ଲୋକ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଏବଂ ତାଙ୍କୁ ନିଜର ଈଶ୍ୱର (ଇଷ୍ଟଦେବତା) ସ୍ୱୀକାର କରୁଛନ୍ତି । ଯଦିଚ ସେହି ଲୋକମାନେ ଜଣେ ଅସହାୟ ମନୁଷ୍ୟକୁ ପରମେଶ୍ୱରଙ୍କ ସମତୁଲ୍ୟ କରି କୁଫର୍ (ଅସ୍ୱୀକାର) କରିଛନ୍ତି । କିନ୍ତୁ ଏହା ଇହୁଦୀମାନଙ୍କ ଉତ୍ତର ଯେ, ଯେଉଁ ବ୍ୟକ୍ତିକୁ ସେମାନେ ଏକ ମିଥ୍ୟାବାଦୀ ମନେକରି ନିଜ ପାଦତଳେ ଦଳି ଦେବାକୁ ଚାହୁଁଥିଲେ, ସେହି ମରିୟମ ପୁତ୍ର ଯିଶୁ ଏପରି ଗୌରବ ଓ ପ୍ରସିଦ୍ଧି ଅର୍ଜନ କଲେ କି ଆଜି ୪୦ କୋଟି ଲୋକେ ତାଙ୍କ ସମ୍ମୁଖରେ ନତମସ୍ତକ ହେଉଛନ୍ତି ଏବଂ ମହାପ୍ରତାପୀ ସମ୍ରାଟମାନେ ମଧ୍ୟ ତାଙ୍କ ନାମ ଉଚ୍ଚାରିତ ହେଲେ ସାଦରେ ନଇଁ ପଡ଼ନ୍ତି । ଅତଏବ ଯଦି ମୁଁ ଏହି ଦୁଆ କଲି ଯେ, ମରିୟମ ପୁତ୍ର ଯିଶୁ ମସିହ ପରି ମୁଁ ଶିର୍କ (ଅନେକଶ୍ୱରବାଦ)କୁ ପ୍ରଶ୍ରୟ ଦେବାର ମାଧ୍ୟମ ନହୋଇଯାଏ ଏବଂ ମୁଁ (ଦୃଢ଼) ବିଶ୍ୱାସ ରଖୁଛି ଯେ, ପରମେଶ୍ୱର ଏହିପରି ହିଁ କରିବେ । କିନ୍ତୁ ପରମେଶ୍ୱର ମୋତେ ବାରମ୍ବାର ଖବର ଦେଇଛନ୍ତି, ଯେ ସେ ମୋତେ ବହୁତ ମର୍ଯ୍ୟାଦା ପ୍ରଦାନ କରିବେ ଏବଂ ମୋ ପାଇଁ ପ୍ରେମଭାବ ଲୋକମାନଙ୍କ ହୃଦୟରେ ସ୍ଥାପନ କରିବେ । ମୋ ଜମାଅତକୁ ସମଗ୍ର ଭୂ-ପୃଷ୍ଠରେ ପରିବ୍ୟାପ୍ତ କରିଦେବେ ଏବଂ ସମସ୍ତ ସମ୍ପ୍ରଦାୟ ମଧ୍ୟରେ ମୋ ସମ୍ପ୍ରଦାୟକୁ ବିଜୟ ମଣ୍ଡିତ କରିବେ । ମୋ ଜମାଅତର ଲୋକମାନେ ବୁଦ୍ଧିଜ୍ଞାନ ଓ ବିଚକ୍ଷଣତାରେ ଏଭଳି ପାରଦର୍ଶିତା ହାସଲ କରିବେ ଯେ, ନିଜ ସତ୍ୟତାର ପ୍ରକାଶ ଓ ପ୍ରମାଣଭିତ୍ତିକ ଦଲିଲ ତଥା ନିଦର୍ଶନ ମାଧ୍ୟମରେ ସମସ୍ତଙ୍କର ମୁହଁ ବନ୍ଦ କରିଦେବେ । ପ୍ରତ୍ୟେକ ଗୋଷ୍ଠୀ ଏହି ନିର୍ଝରରୁ ଜଳ ପାନ କରିବେ ଏବଂ ଏହି ଜମାଅତ ତୀବ୍ରତାର ସହିତ ଅଗ୍ରଗତି କରିବ ତଥା ପ୍ରସାର ଲାଭ କରିବ ଏପରିକି ସମ୍ପୂର୍ଣ୍ଣ ଭୂ-ପୃଷ୍ଠରେ ପରିବ୍ୟାପ୍ତ ହୋଇଯିବ । ଅନେକ ପ୍ରକାରର ବାଧାବିଘ୍ନ ଉପୁଯିବ ଏବଂ ବିପତ୍ତି ଆସିବ କିନ୍ତୁ ଐଶ୍ୱର୍ଯ୍ୟମୟ ପ୍ରଭୁ ସେସବୁକୁ ମଧ୍ୟରୁ

ଏଡ଼ାଇ ଦେବେ ଏବଂ ନିଜ ପ୍ରତିଶ୍ରୁତି ପୂରଣ କରିବେ । ପ୍ରଭୁ ମୋତେ ସମ୍ବୋଧିତ କରି କହିଛନ୍ତି; "ଆମ୍ଭେ ତୁମ୍ଭକୁ କ୍ରମାଗତ କଲ୍ୟାଣ ଦ୍ୱାରା ବିଭୂଷିତ କରିବୁ ଏପରିକି ରାଜା ମହାରାଜାମାନେ ତୁମ ବସ୍ତ୍ରରୁ କଲ୍ୟାଣ ଅନ୍ୱେଷଣ କରିବେ ।"*

ତେବେ ହେ ଶ୍ରୋତାଗଣ! ଏହି କଥନଗୁଡ଼ିକୁ ସ୍ମରଣ ରଖ ଏବଂ ଏହି ଭବିଷ୍ୟବାଣୀଗୁଡ଼ିକୁ ନିଜ ସିନ୍ଦୁକରେ ସୁରକ୍ଷିତ (ସାଇତି) ରଖ, ଏହା ସର୍ବଶକ୍ତିମାନ ଈଶ୍ୱରଙ୍କ ବାଣୀ ଯାହାକି ଦିନେ ନା ଦିନେ ନିଶ୍ଚୟ ପୂରଣ ହେବ । ମୁଁ ନିଜ ଠାରେ କୌଣସି ପ୍ରକାରର ପୁଣ୍ୟ (ବିଶେଷତା) ଦେଖୁ ନାହିଁ । ମୁଁ ସେହି କାର୍ଯ୍ୟ କରି ନାହିଁ ଯାହାକି ମୋତେ ସମ୍ପାଦନ କରିବା ଉଚିତ୍ ଥିଲା ଏବଂ ମୁଁ ନିଜକୁ ଏକ ଅଯୋଗ୍ୟ ଶ୍ରମିକ ମନେକରୁଛି । ଏହା କେବଳ ପ୍ରଭୁଙ୍କ କୃପା ଯାହାକି ମୋତେ ସାହା ହୋଇଛି । ସୁତରାଂ ସେହି ସର୍ବଶକ୍ତିମାନ ଓ ଅଶେଷ ଦୟାବାନ ପ୍ରଭୁଙ୍କୁ ଶତସହସ୍ର କୃତଜ୍ଞତା ଯେ, ସେ ମୋ ପରି ତୁଚ୍ଛ ଓ ଅଯୋଗ୍ୟ ମନୁଷ୍ୟକୁ ସ୍ୱୀକାର କଲେ ।

عجب دارم از لطفت اے کردگار    پذیرفتۂ چوں منِ خاکسار
پسندید گانے بجائے رسند    زما کہتر انت چہ آمد پسند
چو از قطرۂ خلق پیدا کنی    ہمیں عادت اینجا ہویدا کنی

ଅଯବ୍ ଦାରମ୍ ଅଯ୍ ଲୁତ୍ଫତେ ଏ କିରଦଗାର୍    ପଜିର୍ ଫତେ ଚୁଁ ମନେ ଖାକସାର୍
ପସନ୍ଦିଦ୍ ଗାନେ ବଜାଏ ରସନ୍ଦ    ଜେମା କହ୍‌ତର ଅନ୍ତ ଚେ ଆମଦ୍ ପସନ୍ଦ
ଚୁଁ ଅଯ୍ କତରାଏ ଖୁଲ୍‌କ ପୈଦା କୁନି    ହମିଁ ଆଦତ୍ ଇନ୍‌ଜା ହୁଏଦା କୁନି

ଏକଥା ଉଲ୍ଲେଖ କରିବାରୁ ରହିଯାଇଛି ଯେ, ଉପରେ ଚର୍ଚ୍ଚିତ ଐଶୀବାଣୀରେ ଏହି ଶବ୍ଦ ରହିଛି; اِنَّ وعداللّٰہ لا یُبدّل ଇନ୍ନା ଓାଦଲ୍ଲାହୁ ଲା ୟୁବଦ୍‌ଦଲା ଅର୍ଥାତ ପରମେଶ୍ୱରଙ୍କ ପ୍ରତିଶ୍ରୁତି ଟଳିବ ନାହିଁ । ଏହା ଏଥିପ୍ରତି ଇଙ୍ଗିତ ଯେ, ପାଞ୍ଚ ଗୋଟି ଭୂମିକମ୍ପର ଆସିବା ପ୍ରଭୁଙ୍କର ଏକ ଅଙ୍ଗୀକାର, ଯାହା ସୁନିଶ୍ଚିତ ରୂପେ ଘଟିବ । ହଁ ଯେଉଁ ବ୍ୟକ୍ତି କ୍ଷମା ଯାଚନା କରିବ ଏବଂ ଏବେଠାରୁ ହିଁ ପ୍ରଭୁଙ୍କ ସହିତ ସନ୍ଧି କରିନେବ ତଥା କୌଣସି ପ୍ରକାରର ବିଦ୍ରୋହାତ୍ମକ ଅଗ୍ନି (ମନୋବୃତ୍ତି) ବାକି ରଖିବ

* ଦିବ୍ୟସ୍ୱପ୍ନରେ ମୋତେ ସେହି ସମ୍ରାଟମାନଙ୍କୁ ଦେଖାଇ ଦିଆଗଲା ଯେଉଁମାନେ ଅଶ୍ୱାରୋହଣ କରିଥିଲେ ଏବଂ ମୋତେ କୁହାଗଲା ଯେ, ଏମାନେ ନିଜ ସ୍କନ୍ଧରେ ତୁମ ଆଜ୍ଞାବହତାର ଯୁଆଳି ବହନ କରିବେ ଅର୍ଥାତ ତୁମ୍ଭର ସମ୍ପୂର୍ଣ୍ଣ ଆଜ୍ଞାବହ ହେବେ ତଥା ପରମେଶ୍ୱର ସେମାନଙ୍କୁ ବରକତ୍ (କଲ୍ୟାଣ) ପ୍ରଦାନ କରିବେ ।

ନାହିଁ । ତେବେ ପରମେଶ୍ୱର ତାହା ଉପରେ ଦୟା କରିବେ କିନ୍ତୁ ତାହା ଉପରେ ଦୟା କରିବାର ପରିଣାମ ଏହା ଉଦ୍ଧୃତ ହେବ ନାହିଁ ଯେ, ଏହି ପାଞ୍ଚ ଗୋଟି ଭୂମିକମ୍ପ ଆସିବ ନାହିଁ । ତାହା ତ ସୁନିଶ୍ଚିତ ଆସିବ କିନ୍ତୁ ଏପରି ବ୍ୟକ୍ତି ତାହାର ଧକ୍କା (କୁପରିଣାମ)ରୁ ବର୍ଜ୍ଜି ରହିବ । କାରଣ ଏହା ପରମେଶ୍ୱରଙ୍କର ପ୍ରତିଶୃତି ଏବଂ ସେ କଦାପି ନିଜ ପ୍ରତିଶୃତି ଭଙ୍ଗ କରି ନଥାନ୍ତି । ତାଙ୍କର ଚେତାବନୀ ସୂଚକ (ବଚନ) ଟଳି ପାରେ କିନ୍ତୁ ପ୍ରତିଶୃତି କଦାପି ଟଳି ନଥାଏ । ଯେପରିକି ଆମେ ଏବେ ଉପରେ ଚର୍ଚ୍ଚା କରି ଆସିଲୁ ।

ଏଠାରେ ଆଉ ଏକ ପ୍ରସଙ୍ଗ ଚର୍ଚ୍ଚା କରିବା ଯୋଗ୍ୟ ଯେ, ଏହି ସ୍ଥାନରେ ସ୍ୱଭାବିକ ରୂପେ ଏହି ପ୍ରଶ୍ନ ଉତ୍ପନ୍ନ ହୋଇଥାଏ ଯେ, ଯଦିଚ ଏହା ପୂର୍ବରୁ ଶତ ସହସ୍ର ନିଦର୍ଶନ ମୋ ସମର୍ଥନରେ ପ୍ରାଞ୍ଜଳ ରୂପେ ପ୍ରକଟିତ ହୋଇସାରିଛି ଏବଂ ତାହା ସହସ୍ର ସଂଖ୍ୟାରେ ପହଞ୍ଚି ଯାଇଥିଲା । ତେବେ ନିପାତକାରୀ ପ୍ଲେଗ୍ ମହାମାରୀର ବିଭୀଷିକା ଓ ବିନାଶକାରୀ ଭୂମିକମ୍ପର କ'ଣ ଆବଶ୍ୟକତା ଥିଲା । କ'ଣ ସେହି ସହସ୍ର ନିଦର୍ଶନ ଯଥେଷ୍ଟ ନଥିଲା ?

ଏହି ପ୍ରଶ୍ନର ଦୁଇଟି ଉତ୍ତର ରହିଛି । ପ୍ରଥମ ଏହିକି ଯେ ମନୁଷ୍ୟ ସ୍ୱଭାବରେ ଏହି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଯେ, ସେ ଈଶ୍ୱରଙ୍କ ନିଦର୍ଶନରୁ ଖୁବ୍ କମ୍ ଉପକୃତ ହୋଇଥାଏ । ଏହିପରି ଇର୍ଷାପରାୟଣତା ଯୋଗୁଁ ଅନ୍ୟ କିସମର ଛୋଟ ଛୋଟ ନିଦର୍ଶନ ଟାଳିବା ନିମନ୍ତେ ମଧ୍ୟ କିଛି ନା କିଛି ଆଳ କରିଥାଏ । ଯଦ୍ୱାରା କୌଣସି ପ୍ରକାରେ ସ୍ୱୀକାର (କରିବା ରୂପକ) ସମ୍ପଦରୁ ବିରତ ରହିଯିବ । ଅତଏବ ଏହି ସ୍ଥଳେ ମଧ୍ୟ ସେହିପରି ହିଁ ଘଟିଲା କି ଶତସହସ୍ର ନିଦର୍ଶନ ପ୍ରକାଶ ପାଇବା ସତ୍ତ୍ୱେ ସମ୍ପ୍ରଦାୟର ଲୋକମାନଙ୍କ ଉପରେ ନିମିତ ମାତ୍ର ପ୍ରଭାବ ପଡ଼ିଲା ନାହିଁ । ଯଦି ଆପଣ ମୋ ପୁସ୍ତକ "ନୁଜୁଲୁଲ୍ ମସିହ୍"ର ଅଧ୍ୟୟନ କରିବେ ତେବେ ଆପଣଙ୍କୁ ଜ୍ଞାତ ହୋଇଯିବ ଯେ, ଈଶ୍ୱର ନିଦର୍ଶନ ପ୍ରକଟ କରିବାରେ କୌଣସି ପ୍ରକାରର ଫରକ କରି ନାହାନ୍ତି । ବନ୍ଧୁ ପରିଜନଙ୍କ ପାଇଁ ମଧ୍ୟ ନିଦର୍ଶନ ପ୍ରକଟ କଲେ ଏବଂ ଶତ୍ରୁମାନଙ୍କୁ ଚେତାବନୀ ପୂର୍ବକ ମଧ୍ୟ ନିଦର୍ଶନ ପ୍ରକଟ କଲେ । ମୋ ପ୍ରସଙ୍ଗରେ ଓ ମୋ ସନ୍ତାନମାନଙ୍କ ପ୍ରସଙ୍ଗରେ ମଧ୍ୟ ନିଦର୍ଶନ ପ୍ରକଟିତ ହେଲା । ଯେପରିକି ଭୂ-ପୃଷ୍ଠର ଏକ ବୃହତ ଅଂଶରେ ସମୁଦ୍ର ଭରି ରହିଛି । ସେହିପରି ଏହି ଜମାଅତକୁ ପରମେଶ୍ୱର ଅପୂର୍ବ ଚମତ୍କାରରେ ଭରି ଦେଇଛନ୍ତି । କୌଣସି ଦିନ ଏପରି ବିତି ନଥାଏ ଯେଉଁଦିନ କୌଣସି ନା କୌଣସି ନିଦର୍ଶନ ପ୍ରକଟ ହୋଇ ନଥିବ । ପ୍ରତ୍ୟେକ ଭବିଷ୍ୟବାଣୀ କୌଣସି ନା କୌଣସି ନିଦର୍ଶନ ଉପରେ ଆଧାରିତ

ହୋଇଥାଏ । ମୁଁ ଏହି ପତ୍ରିକାରେ ଦଶ ହଜାର ଗୋଟି ନିଦର୍ଶନ ମାତ୍ର ନମୁନା ସ୍ୱରୂପ ଆଲୋଚନା କରିଛି । ନଚେତ୍ ଯଦି ସେସବୁ ଉଲ୍ଲେଖ କରାଯାଏ ତେବେ ସେହି ପୁସ୍ତକ ଯେଉଁଥିରେ ତାହା ସ୍ଥାନ ପାଇବ ସହସ୍ର ଭାଗରୁ ଅଧିକ ବଢ଼ିଯିବ । କ'ଣ ଭବିଷ୍ୟରେ ଘଟିବାକୁ ଥିବା ଏପରି ବହୁଳ ସଂଖ୍ୟାରେ ଘଟଣାମାନ ଲହଡ଼ି ପରେ ଲହଡ଼ି ମାରିବା ପରି ପ୍ରକାଶ ପାଇବା କୌଣସି ମିଥ୍ୟାବାଦୀ ଦ୍ୱାରା ସମ୍ଭବ! ମୋର ନିର୍ବୋଧ ବିରୋଧୀମାନଙ୍କୁ ପରମେଶ୍ୱର ପ୍ରତିଦିନ କିସମ କିସମର ନିଦର୍ଶନ ଦେଖାଇବାରୁ (ବଞ୍ଚିତ ରଖି) ନିନ୍ଦିତ କରୁଛନ୍ତି ଏବଂ ମୁଁ ତାଙ୍କରି ଶପଥ କରି କହୁଅଛି; ଯେପରି ସେ ହଜରତ ଇବ୍ରାହିମ [ଅ.ସ]ଙ୍କ ସହିତ ବାର୍ତ୍ତାଳାପ କଲେ । ପୁନଶ୍ଚ ଇସହାକ୍[ଅ.ସ], ଇସମାଇଲ୍[ଅ.ସ], ୟାକୁବ୍[ଅ.ସ], ୟୁସୁଫ୍[ଅ.ସ] ଓ ମୁସା [ଅ.ସ]ଙ୍କ ଏବଂ ମରିୟମ୍ ପୁତ୍ର ଇସା ମସିହ୍‌ଙ୍କ ସହିତ (ବାର୍ତ୍ତାଳାପ କଲେ) ଏବଂ ସେ ସମସ୍ତଙ୍କ ପରେ ଆମ ପ୍ରିୟ ନବି ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ସହିତ ବାର୍ତ୍ତାଳାପ କଲେ ଯେ ଆପଣଙ୍କ ଉପରେ ସବୁଠାରୁ ଅଧିକ ଉଜ୍ଜ୍ୱଳମୟ ଓ ପବିତ୍ର ଐଶୀବାଣୀ ଅବତୀର୍ଣ୍ଣ କଲେ । ଠିକ୍ ସେହିପରି ସେ ମୋ ସହିତ ମଧ୍ୟ ବାର୍ତ୍ତାଳାପ କରିବାର ସୌଭାଗ୍ୟ ପ୍ରଦାନ କଲେ । କିନ୍ତୁ ଏହି ସୌଭାଗ୍ୟ ମୋତେ କେବଳ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଆନୁଗତ୍ୟ ସ୍ୱୀକାର କରିବା ଫଳରେ ଲାଭ ହେଲା । ଯଦି ମୁଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ସମ୍ପ୍ରଦାୟର ହୋଇ ନଥାନ୍ତି ଏବଂ ଆପଣଙ୍କ ଅନୁଗାମୀ ହୋଇ ନଥାନ୍ତି ତେବେ ଯଦି ସଂସାରର ସମସ୍ତ ପର୍ବତ ଓ ଗିରିଶୃଙ୍ଗ ସମାନ ମୋର କାର୍ଯ୍ୟକଳାପ ହୋଇଥା'ନ୍ତା ତଥାପି ମୁଁ କଦାପି ପ୍ରଭୁଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ଲାଭ କରିପାରି ନଥାନ୍ତି । କାରଣ ଏବେ ମୁହମ୍ମଦି ନବୁଓ୍ୱତ୍ (ଅବତାରତ୍ୱ) ବ୍ୟତୀତ ସମସ୍ତ ନବୁଓ୍ୱତ୍‌ର ଦ୍ୱାର ବନ୍ଦ ହୋଇଯାଇଛି, ତେଣୁ ଶରିୟତ୍ (ଧର୍ମବିଧାନ)ଧାରୀ କୌଣସି ନବୀ (ଅବତାର) ଅବତୀର୍ଣ୍ଣ ହୋଇପାରିବ ନାହିଁ । ହଁ ବିନା ଶରିୟତ୍‌ରେ ଅବତାର ଆସି ପାରିବେ । କିନ୍ତୁ କେବଳ ସେ ଯେ ଉମ୍ମତି (ଇସଲାମ ଧର୍ମାବଲମ୍ବୀ) ହୋଇଥିବ । ସୁତରାଂ ଏହି ଦୃଷ୍ଟିକୋଣରୁ ମୁଁ ଉମ୍ମତି ହେବା ସହିତ ନବୀ ମଧ୍ୟ । ମୋ ଅବତାରତ୍ୱ ଅର୍ଥାତ ମୋର ପରମେଶ୍ୱରଙ୍କ ସହିତ ବାର୍ତ୍ତାଳାପ କରିବା ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ଅବତାରତ୍ୱର ଏକ ପ୍ରତିଛାୟା । ତାଙ୍କ ବ୍ୟତୀତ ମୋର ଅବତାରତ୍ୱର କୌଣସି ସତ୍ତା ନାହିଁ । ସେହି ମୁହମ୍ମଦି ଅବତାରତ୍ୱ ଏହିକି ଯେ, ଯାହା ମୋ ଉପରେ ପ୍ରକଟ ହୋଇଛି ଏବଂ ଯେହେତୁ ମୁଁ କେବଳ ଅନୁରୂପ (ନବୀ) ଅଟେ ଏବଂ ଉମ୍ମତି ମଧ୍ୟ । ତେଣୁ ଏତଦ୍ ଦ୍ୱାରା ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ବୈଶିଷ୍ଟ୍ୟ ଓ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇ ନାହିଁ ଏବଂ ପରମେଶ୍ୱର ମୋ ସହିତ ଯେଉଁ ବାର୍ତ୍ତାଳାପ କରୁଛନ୍ତି ତାହା ବାସ୍ତବିକ । ଯଦି

ସେଥିରେ ମୁଁ ନିମିତ ମାତ୍ର ସନ୍ଦେହ କରେ ତେବେ (ମୁଁ) ଅବିଶ୍ୱାସକାରୀ ପାଲଟି ଯିବି ଏବଂ ମୋର ଶେଷ ପରିଣତି ନିଷ୍ଫଳ ହୋଇଯିବ । ସେହି ବାଣୀ ଯାହା ମୋ ଉପରେ ଅବତୀର୍ଣ୍ଣ ହେଲା ତାହା ସତ୍ୟ ଓ ଅଟଳ । ଯେପରି ସୂର୍ଯ୍ୟ ଓ ତାହାର ଉଜ୍ଜ୍ୱଳମୟ ରଶ୍ମୀକୁ ଦେଖି କେହି ଜଣେ ହେଲେ ମଧ୍ୟ ସନ୍ଦେହ କରିନଥାଏ ଯେ, ଏହା ସୂର୍ଯ୍ୟ ଓ ତାହାର କିରଣ । ସେହିପରି ମୁଁ ପ୍ରଭୁଙ୍କ ବାଣୀ ଉପରେ (ତିଳେ ମାତ୍ର) ସନ୍ଦେହ କରି ନଥାଏ, ଯାହାକି ପ୍ରଭୁଙ୍କ ନିକଟରୁ ମୋ ଉପରେ ଅବତୀର୍ଣ୍ଣ ହେଉଅଛି । ଏବଂ ମୁଁ ତାହା ଉପରେ ସେହିପରି ବିଶ୍ୱାସ ସ୍ଥାପନ କରେ ଯେପରି ପ୍ରଭୁଙ୍କର ଧର୍ମଗ୍ରନ୍ଥ ଉପରେ । ଏହା ତ ସମ୍ଭବ ଯେ, ଦୈବୀବାଣୀର ଭାବାର୍ଥ ପ୍ରକାଶ କରିବାରେ କେତେକ ବିଷୟରେ କୌଣସି ସମୟରେ ମୋ ଦ୍ୱାରା ତ୍ରୁଟି ସାଧିତ ହୋଇଯାଏ । କିନ୍ତୁ ଏହା ସମ୍ଭବ ନୁହେଁ ଯେ, ମୁଁ ସନ୍ଦେହ କରିବି କି ଏହା ପ୍ରଭୁଙ୍କର ବାଣୀ ନୁହେଁ । ଯେହେତୁ ମୋ ମତରେ ନବୀ ତାହାଙ୍କୁ କୁହନ୍ତି ଯାହା ଉପରେ ପ୍ରଭୁଙ୍କ ବାଣୀ ସୁନିଶ୍ଚିତ ଭାବରେ ଏବଂ ଦୃଢ଼ତାର ସହିତ ନିରନ୍ତର ଅବତୀର୍ଣ୍ଣ ହୋଇଥାଏ । ଯାହାକି ଭବିଷ୍ୟତର ସମ୍ବାଦ ସମ୍ବଳିତ ହୋଇଥାଏ । ଏଥିପାଇଁ ପ୍ରଭୁ ମୋ ନାମ ନବୀ ରଖିଲେ କିନ୍ତୁ ବିନା ଶରିୟତ୍‌ଧାରୀ । ଶରିୟତ୍‌ର ଅଧିକାରୀ ପ୍ରଳୟ ଦିବସ ପର୍ଯ୍ୟନ୍ତ ପବିତ୍ର କୁରଆନ ହିଁ ଅଟେ । ସୁତରାଂ ସେହି ପ୍ରଭୁଙ୍କ ବାଣୀ ଯାହାକି ମୋ ଉପରେ ଅବତୀର୍ଣ୍ଣ ହେଉଅଛି ନିଜ ଭିତରେ ଏକ ରୋଚକପୂର୍ଣ୍ଣ (ତଥ୍ୟ) ରଖିଥାଏ ଏବଂ ନିଜ ପ୍ରକାଶମୟ ରଶ୍ମୀ ଦ୍ୱାରା ନିଜ ପରାକାଷ୍ଠା ପ୍ରତିପାଦନ କରିଥାଏ । ତାହା ଶକ୍ତ ଲୌହ ସଦୃଶ ହୃଦୟରେ ପ୍ରବେଶ କରି ଯାଇଥାଏ ଏବଂ ନିଜ ଆଧ୍ୟାତ୍ମିକ ଶକ୍ତି ବଳରେ ମୋତେ ପରିପୂର୍ଣ୍ଣ କରିଦେଇଥାଏ । ତାହା ଅତି ମଧୁର (ସୁସ୍ୱାଦ), ବାଗ୍ମୀ, ସନ୍ତୋଷପ୍ରଦ ଓ ଏକ ପ୍ରକାର ଐଶୀ ଆତଙ୍କ ବହନ କରିଥାଏ ଏବଂ ଭବିଷ୍ୟତରେ ଘଟିବାକୁ ଥିବା ପ୍ରସଙ୍ଗ ବର୍ଣ୍ଣନା କରିବାରେ କୁଣ୍ଠାବୋଧ କରିନଥାଏ । ବରଂ ସେଥିରେ ତ ଭବିଷ୍ୟତ ଖବରର ଏକ ନିରନ୍ତର ଝରଣା ପ୍ରବାହିତ ହୋଇଚାଲିଥାଏ । କିନ୍ତୁ ଆମର କେତେକ ବିରୋଧୀ ଯେ ଐଶୀବାଣୀ ପ୍ରାପ୍ତ କରିବାର ଦାବି କରୁଛନ୍ତି । ପ୍ରଥମତଃ ଏହିକି ଯେ, ଗୁପ୍ତ ଉନ୍ମାଦ ଭିତ୍ତିକ ଖବର ସମୂହ ଓ ଐଶୀ ରହସ୍ୟର ସମୁଦ୍ର ସେମାନଙ୍କ ଐଶୀବାଣୀରେ ନଥାଏ । ପ୍ରଭୁଙ୍କ ଶକ୍ତି ଓ ପରାକାଷ୍ଠା ସେମାନଙ୍କୁ ସ୍ପର୍ଶ ମଧ୍ୟ କରି ନଥାଏ । ଏତଦ୍ ବ୍ୟତୀତ ସେମାନେ ସ୍ୱୟଂ ଏହା ସ୍ୱୀକାର କରିଥାନ୍ତି ଯେ, ତାଙ୍କୁ ଜଣା ନାହିଁ କି ତାଙ୍କର ସେହି ଐଶୀବାଣୀ ଆଧ୍ୟାତ୍ମିକ ଅଥବା ଶୈତାନୀ । ଏଥିଯୋଗୁଁ ସେମାନଙ୍କର ବିଶ୍ୱାସ ଯେ, ତାଙ୍କର ଐଶୀବାଣୀଗୁଡ଼ିକ ସନ୍ଦେହଜନକ ଅଟେ । ସେମାନେ କହିପାରି ନଥାନ୍ତି ଯେ, ସେହି ବାଣୀ ପ୍ରଭୁଙ୍କ ନିକଟରୁ ହୋଇଅଛି ଅଥବା ଶୈତାନ ନିକଟରୁ । ସୁତରାଂ ଏପରି ବାଣୀକୁ ନେଇ ଗର୍ବ

କରିବା ତ ଲଜ୍ଜ୍ୟାଜନକ ବିଷୟ । ଯେଉଁଥିରେ ଏପରି ଚମକ ମଧ୍ୟ ନାହିଁ ଯଦ୍ୱାରା ଜ୍ଞାତ ହେବ ଯେ, ତାହା ସୁନିଶ୍ଚିତ ରୂପେ ପ୍ରଭୁଙ୍କ ନିକଟରୁ ନା ଶୈତାନ ପକ୍ଷରୁ । ଜାଣିରଖ ଈଶ୍ୱର ପବିତ୍ର କିନ୍ତୁ ଶୈତାନ ଅପବିତ୍ର । ସୁତରାଂ ଏହା ଅଦ୍ଭୂତ ଐଶୀବାଣୀ ଯେଉଁଥିରୁ କିଛି ହେଲେ ଜ୍ଞାତ ହେଉ ନାହିଁ ଯେ, ଏହା ଏକ ପବିତ୍ର ନିର୍ଝରରୁ ଉତ୍ପନ୍ନ ଅଥବା ଅପବିତ୍ର ନିର୍ଝରରୁ ଏହାର ଉତ୍ପତ୍ତି ହୋଇଛି । ଦ୍ୱିତୀୟ ସମସ୍ୟା ଏହିକି ଯେ, ଯଦି କୌଣସି ଐଶୀବାଣୀକୁ ପରମେଶ୍ୱରଙ୍କ ଐଶୀବାଣୀ ମନେକରି ତଦନୁଯାୟୀ କାର୍ଯ୍ୟ କରାଯାଏ ଏବଂ ବାସ୍ତବପକ୍ଷେ ତାହା ଶୈତାନୀ ଐଶୀବାଣୀ ହୋଇଥାଏ ତେବେ ସେ ତ ଧ୍ୱଂସ ହୋଇଗଲା । ଅଥବା ଯଦି ଶୈତାନୀ ବାଣୀ ମନେକରି ଈଶ୍ୱରଙ୍କ ଐଶୀବାଣୀ ଉପରେ କାର୍ଯ୍ୟାକାରୀ ନକରେ ତେବେ ସେ ମଧ୍ୟ ବିନାଶ ଗର୍ତ୍ତରେ ନିପତିତ ହୁଏ। ତେବେ ଏହା କି ଐଶୀବାଣୀ ହେଲା ? ବରଂ ଏକ ଭୟଙ୍କର ବିପତ୍ତି ସାବ୍ୟସ୍ତ ହେଲା । ଯାହାର ପରିଣାମ ମୃତ୍ୟୁ ଅଟେ ଏବଂ ଅଧିକନ୍ତୁ ଏହା ଇସଲାମ ଉପରେ ମଧ୍ୟ ଏକ କଳଙ୍କ ଯେ, ବନୀଇସ୍ରାଇଲ୍‌ଙ୍କ ଉପରେ ତ ବିଶ୍ୱସନୀୟ ଐଶୀବାଣୀ ହେଉଥିଲା, ଯାହା ଆଧାରରେ ହଜରତ ମୁସା [ଅ.ସ]ଙ୍କ ମାତା ନିଜ ନିରୀହ ଶିଶୁକୁ ଦରିଆରେ ଭସାଇ ଦେଲେ ଓ ସେହି ଐଶୀବାଣୀ ଉପରେ ତିଳେ ମାତ୍ର ସନ୍ଦେହ କଲେ ନାହିଁ ଏବଂ ତାହାକୁ ମନଗଢ଼ା ମଣିଲେ ନାହିଁ । ଖିଜର୍ ଏକ ଶିଶୁକୁ ହତ୍ୟା ମଧ୍ୟ କରିଦେଲେ କିନ୍ତୁ କ'ଣ ଏହି (ଶ୍ରେଷ୍ଠ) ଧର୍ମକୁ ମଧ୍ୟ ସେହି ସ୍ତର ଲାଭ ହେଲା ନାହିଁ ଯାହାକି ବନୀଇସ୍ରାଇଲ୍‌ର ସେହି ଜୈନକ ମହିଳାଙ୍କୁ ଲାଭ ହୋଇଥିଲା । ତେବେ ଏହି ଆୟତର ଅର୍ଥ କ'ଣ ହେଲା ଯେ,

صِرَاطَ الَّذِيْنَ اَنْعَمْتَ عَلَيْهِمْ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଆଲୈହିମ୍ (ସୁରେ ଫାତିହା 1:7) କ'ଣ ସେମାନଙ୍କୁ ହେଉଥିବା କପୋଳକଳ୍ପିତ ବାଣୀର ନାମ ପୁରସ୍କାର ଅଟେ । ଯାହାକି ଶୈତାନୀ ଓ ପରମ ଦୟାଳୁ ପ୍ରଭୁଙ୍କ ନିକଟରୁ ହେଉଥିବା ଐଶୀବାଣୀର ସମ୍ମିଶ୍ରଣ । ଏହା କିଭଳି ଲଜ୍ଜାଜନକ ବିଷୟ !

ଉପର ଚର୍ଚ୍ଚିତ ପ୍ରଶ୍ନର ଅନ୍ୟ ଏକ ଉତ୍ତର ଏହିକି ଯେ, ଛୋଟ ଛୋଟ ଘଟଣାର ଭବିଷ୍ୟତ ବାଣୀ ଯଦିଚ ପରମେଶ୍ୱରଙ୍କ ଦୂତମାନଙ୍କ ସତ୍ୟବାଦୀ ହେବାର ଏକ ପରିମିତ ଦଲିଲ । କାରଣ ପରିଣାମ ଓ ଅବସ୍ଥା ଦୃଷ୍ଟିରୁ ସେହି ଭବିଷ୍ୟବାଣୀରେ ମଧ୍ୟ ଅନ୍ୟମାନେ ତାହାର ମୁକାବିଲା କରିପାରିବେ ନାହିଁ । ତଥାପି ଯେଉଁ ଲୋକମାନଙ୍କୁ ଭ୍ରମ ଓ ସନ୍ଦେହ ବଶୀଭୂତ କରି ରଖିଛି, ସେମାନେ କୌଣସି ନା କୌଣସି ଭ୍ରମରେ କବଳିତ ହୋଇ ଯାଇଥାନ୍ତି । ଉଦାହରଣ ସ୍ୱରୂପ ଯଦି ପ୍ରଭୁଙ୍କ ପ୍ରେରିତ ଦୂତଙ୍କ ପ୍ରାର୍ଥନା ଫଳରେ କାହା ଘରେ ପୁତ୍ର ସନ୍ତାନ ହୁଏ ଅଥବା ସେହି ଅବତାର ପୁତ୍ର ସନ୍ତାନ

ହେବାର ସୁସମାଚାର ପ୍ରଦାନ କରନ୍ତି ଏବଂ ତାହାର ପୁତ୍ର ଜନ୍ମ ହୋଇଯାଏ ତେବେ ଅନେକ ଲୋକ କହି ଉଠିଥାନ୍ତି ଯେ, ଏହା କୌଣସି ବିଶେଷ ଚମ୍‌କାର ନୁହେଁ । ଅନେକ ମହିଳାମାନଙ୍କୁ ମଧ୍ୟ ନିଜ ସମ୍ବନ୍ଧରେ ଅଥବା ପଡ଼ୋଶୀ ମହିଳାଙ୍କ ସମ୍ବନ୍ଧରେ ସ୍ୱପ୍ନ ହୋଇଥାଏ ଯେ, ତାହା ଘରେ ପୁତ୍ର ସନ୍ତାନ ଜନ୍ମ ହେବ ଏବଂ ବାସ୍ତବରେ ପୁତ୍ର ଜନ୍ମ ହୋଇ ଯାଇଥାଏ । ତେବେ କ'ଣ ସେହି ମହିଳାଙ୍କୁ ପରମେଶ୍ୱରଙ୍କ ଅବତାର, ବାର୍ତ୍ତାବହ ଅଥବା ମୁହଦ୍‌ଦିସ୍ (ଖବରଦାତା) ସ୍ୱୀକାର କରି ନିଆଯିବ ? ଯଦିଚ ଏପରି ଆରୋପ (ଲାଂଛନା) ଲଗାଇବାରେ ଏମାନେ ମିଥ୍ୟାବାଦୀ କିନ୍ତୁ ଅଜ୍ଞାନୀମାନଙ୍କର ତୁଣ୍ଡ କିଏ ବା ବନ୍ଦ କରିବ ? ଏବଂ ମିଥ୍ୟାବାଦୀ ଏଥିପାଇଁ ଯେ, ଆମେ ଏହା ତ କହୁ ନାହୁଁ କି କୌଣସି ଗୋଟିଏ କଥନ ଓ ଘଟଣା ଦ୍ୱାରା କେହି ଈଶ୍ୱରଙ୍କ ନିକଟରୁ ଆସିବା ସାବ୍ୟସ୍ତ ହୋଇଯାଏ । କାରଣ ଏପରି ସ୍ଥଳେ ତ ପ୍ରତ୍ୟେକ ସ୍ୱପ୍ନଦର୍ଶୀ ପରମେଶ୍ୱରଙ୍କ ନିର୍ବାଚିତ ମଣାଯିବ । ବରଂ ସର୍ବପ୍ରଥମେ ତା'ର ଘୋଷଣା କରିବା ଏବଂ ଏପରି ଭବିଷ୍ୟବାଣୀ ନିଜ ପରିଣାମ ଓ ଅବସ୍ଥା ଦୃଷ୍ଟିକୋଣରୁ ସେହି ସୀମାରେ ଉପନୀତ ହୋଇଯାଇଥାଏ ଯେଉଁସ୍ଥଳେ ସାଧାରଣ ମନୁଷ୍ୟର ସ୍ୱପ୍ନ ଅଥବା ଐଶୀବାଣୀର ସମ୍ମିଶ୍ରଣ ତାହା ସହିତ ନଥାଏ । ଯେପରିକି ଛୋଟ ଛୋଟ ଘଟଣାବଳୀ ପ୍ରସଙ୍ଗରେ ଭବିଷ୍ୟତ ବାଣୀ ଯାହାକି ମୋ ମାଧ୍ୟମରେ ପରମେଶ୍ୱର ପୂରଣ କଲେ ଏବଂ ସେଗୁଡ଼ିକର ସଂଖ୍ୟା ସହସ୍ରରେ ପହଞ୍ଚୁଅଛି । କିଏ ଅଛି ଯେ (ସେଗୁଡ଼ିକର) ସଂଖ୍ୟାରେ ଓ ଏପରି ପ୍ରାଞ୍ଜଳ ଭାବେ ପୂରଣ ହେବା ଦୃଷ୍ଟିକୋଣରୁ ତାହାର ମୁକାବିଲା କରି ଦେଖାଇ ପାରିଲା । କିଛି ବର୍ଷ ପୂର୍ବେ ଜଣେ ହତଭାଗ୍ୟ ନିର୍ବୋଧ ବ୍ୟକ୍ତି ଆପତ୍ତି କରିଥିଲା ଯେ, ମୌଲବୀ ହକିମ୍ ନୁରୁଦ୍ଦିନ୍ ସାହେବ ଯେ ଉଚ୍ଚ ସ୍ତରୀୟ ନିଷ୍ଠା ଓ ବିଶ୍ୱସ୍ତତାରେ ଅଧିଷ୍ଠିତ ଥିବା ସତ୍ତ୍ୱେ ତାଙ୍କ ପୁତ୍ରଙ୍କର ମୃତ୍ୟୁ ହୋଇଗଲା । ଏହି ଆପତ୍ତି ଯଦିଚ ସମ୍ପୂର୍ଣ୍ଣ ରୂପେ ଈର୍ଷାପରାୟଣ ଓ ମୂର୍ଖତା ବଶତଃ ଥିଲା । କାରଣ ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ [ସ.ଅ]ଙ୍କର ଏଗାର ଜଣ ପୁତ୍ର ମୃତ୍ୟୁ ବରଣ କରିଥିଲେ । କିନ୍ତୁ ମୋ ବିନୟ ପ୍ରାର୍ଥନା ଫଳରେ ଅଶେଷ ଦୟାବାନ ପ୍ରଭୁ ମୋ ଉପରେ ପ୍ରକାଶ କଲେ ଯେ, ମୌଲବୀ ହକିମ୍ ନୁରୁଦ୍ଦିନ୍ ସାହେବଙ୍କ ଘରେ ପୁତ୍ର ସନ୍ତାନ ଜନ୍ମ ଲାଭ କରିବ ଏବଂ ତାହା ଶରୀରରେ ବଥ ବାହାରିବ ଯାହାକି ଏହି କଥାର ପ୍ରମାଣ ହେବ କି ଏ ହିଁ ସେହି ପୁତ୍ର ଯେ ପ୍ରାର୍ଥନା ସ୍ୱୀକାର ହେବା ଫଳରେ ଜନ୍ମ ଗ୍ରହଣ କରିଛି । ସୁତରାଂ ଏହିପରି ହିଁ ଘଟିଲା ଏବଂ ସ୍ୱଳ୍ପଦିନ ପରେ ମୌଲବୀ ସାହେବଙ୍କ ଘରେ ଏକ ପୁତ୍ର ଜନ୍ମ ହେଲା, ଯାହାର ନାମ ଅବ୍‌ଦୁଲ୍ ହଇ ରଖାଗଲା ଏବଂ ଶୈଶବାବସ୍ଥାରେ ହିଁ ତାହା ଶରୀରରେ ଅନେକ ବଥ ବାହାରି ଆସିଲା, ଯାହାର ଚିହ୍ନ ଏଯାବତ୍ ରହିଛି । ସେହି ବଥ ପ୍ରଭୁ ତାହା ଶରୀରରେ

ଏଥିସକାଶେ ଉତ୍ପନ୍ନ କଲେ ଯଦ୍ୱାରା କାହାରି ମନରେ ଏହି ଭ୍ରମ ଉତ୍ପନ୍ନ ନହେଉ କି ଏହା ସଂଯୋଗ ବଶତଃ ଫୁଟିଛି, ଦୁଆର ପ୍ରଭାବରେ ନୁହେଁ ଏବଂ ନା ଏହା ଭବିଷ୍ୟତ ବାଣୀର ଦୃଷ୍ଟାନ୍ତ । ଯେପରିକି କେତେକ ସମୟରେ ସଂଯୋଗ ବଶତଃ ଏପରି ଘଟିଥାଏ ଯେ, କିଛି ଲୋକ (ଏକାଠି ବସି ନିଜର) ଜଣେ ଅନୁପସ୍ଥିତ ଥିବା ବନ୍ଧୁଙ୍କ ବିଷୟରେ ଚର୍ଚ୍ଚା କରିଥାନ୍ତି ଯେ, ସେ ଏବେ ଆସିଥିଲେ ଖୁବ୍ ଭଲ ହୋଇଥାନ୍ତା ଏବଂ ଭାଗ୍ୟବଶତଃ ସେ ସେହିକ୍ଷଣି ଆସି ସେଠାରେ ପହଞ୍ଚିଯାନ୍ତି । ସେତେବେଳେ ସେମାନେ କହିଥାନ୍ତି; ଆସନ୍ତୁ ଭାଇ ବର୍ତ୍ତମାନ ଆମେ ଆପଣଙ୍କ ବିଷୟରେ ହିଁ କଥା ହେଉଥିଲୁ ଯେ, ଆପଣ ଆସି ପହଞ୍ଚିଗଲେ । ଅତଏବ ପ୍ରଭୁ ସେହି ଭବିଷ୍ୟତ ବାଣୀ ସହିତ ବଥ ହେବାର ଚିହ୍ନ ଦର୍ଶାଇ ଦେଲେ ଯଦ୍ୱାରା ଏହା ଜ୍ଞାତ ହୋଇଯିବ ଯେ, ସେହି ଶିଶୁ ପୁତ୍ର ଜଣକ ଦୁଆ କରିବା ଫଳରେ ଜନ୍ମ ହୋଇଅଛି ନା କି କୌଣସି ସଂଯୋଗ ବଶତଃ । ଏପରି ମୋ ନିକଟରେ ସହସ୍ର ନମୁନା ଉପଲବ୍ଧ ରହିଛି କିନ୍ତୁ ଦୁଃଖଦ ! ଏହି ସଂକ୍ଷିପ୍ତ ରଚନାରେ ମୁଁ ସେଗୁଡ଼ିକର ଆଲୋଚନା କରିପାରିବି ନାହିଁ ।

ଯେପରିକି ମୁଁ ଏବେ ବର୍ଣ୍ଣନା କରି ଆସିଲି ଯେ, ଛୋଟ ଛୋଟ ଭବିଷ୍ୟତ ବାଣୀଗୁଡ଼ିକ ଯେତେବେଳେ ସେଗୁଡ଼ିକ ସହସ୍ର ସଂଖ୍ୟାରେ ଉପନିତ ହୋଇଯିବ ତେବେ ତାହା ଏକ ବଳିଷ୍ଠ ପ୍ରମାଣ ସାବ୍ୟସ୍ତ ହୋଇଥାଏ ଯେ, ଯେଉଁ ବ୍ୟକ୍ତି ହସ୍ତରେ ତାହା ପ୍ରକାଶ ପାଇଛି ଏବଂ ଯେ ପରାକ୍ରମୀ ଅଲ୍ଲାଃଙ୍କ ନିକଟରୁ ଆସି ଥିବାର ଦାବି କରୁଅଛି । ବାସ୍ତବପକ୍ଷେ ସେ ଈଶ୍ୱର ପ୍ରେରିତ କିନ୍ତୁ ଯେଉଁମାନଙ୍କ ହୃଦୟକୁ ସନ୍ଦେହ ଓ ଶଙ୍କାର ବ୍ୟାଧି ଗ୍ରାସ କରିଛି । ସେମାନେ ସେହି (ପ୍ରମାଣ ପାଇବା) ସତ୍ତ୍ୱେ ମଧ୍ୟ ସନ୍ଦେହରୁ ନିବୃତ୍ତ ରହି ନଥାନ୍ତି । ବରଂ ତତ୍କ୍ଷଣାତ କହି ଦେଇଥାନ୍ତି ଯେ, ଅମକ ଫକିର (ସାଧୁ) ମଧ୍ୟ ଏପରି ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ଅମକ ଜ୍ୟୋତିଷ ମଧ୍ୟ ଏହିଭଳି କିଛି (ଘଟିବାର) କହିଥିଲା, ଯାହା ସତ୍ୟ ସାବ୍ୟସ୍ତ ହେଲା । ଏପରି କେବଳ ସେହି ବ୍ୟକ୍ତି ସ୍ୱୟଂ ପଥଭ୍ରଷ୍ଟ ହୋଇ ନଥାନ୍ତି ବରଂ ସରଳ ଲୋକମାନଙ୍କୁ ମଧ୍ୟ ପଥଭ୍ରଷ୍ଟ କରାଇଥାନ୍ତି । ଏହି ଅଜ୍ଞାନୀ ଲୋକମାନେ ଚକ୍ଷୁ ତ ରଖିଥାନ୍ତି କିନ୍ତୁ ତାହା ପ୍ରତ୍ୟେକ କୋଣ ଅନୁକୋଣକୁ ଦେଖିପାରି ନଥାଏ ଏବଂ ହୃଦୟ ତ (ତାଙ୍କର) ଥାଏ କିନ୍ତୁ ସେହି ହୃଦୟ ପ୍ରତ୍ୟେକ ଦିଗ ପ୍ରତି ଅନୁଧ୍ୟାନ କରିପାରି ନଥାଏ । ଆମେ କେବେ ଓ କେଉଁ ମୁହୂର୍ତ୍ତରେ କହିଥିଲୁ ଯେ, ଆମ ବ୍ୟତୀତ ଅନ୍ୟ କାହାରିକୁ କୌଣସି (ଦିବ୍ୟ) ସ୍ୱପ୍ନ ହେଉ ନାହିଁ ଏବଂ ନା କୌଣସି ଐଶୀବାଣୀ ହେଉଅଛି ବରଂ ଆମର ଅଭିଜ୍ଞତା ରହିଛି ଯେ, କେତେକ ସମୟରେ ତ ଜଣେ ବେଶ୍ୟା (ବ୍ୟଭିଚାରୀ) ଯାହାର ଦିବାରାତ୍ରର ବୃତ୍ତି କୁକର୍ମରେ ଲିପ୍ତ ରହିବା ଅଟେ, ତାହାକୁ ମଧ୍ୟ ସତ୍ୟ ସ୍ୱପ୍ନ ହୋଇପାରେ । ଜଣେ ଚୋର ଯାହାର କାର୍ଯ୍ୟ ହିଁ ଅନ୍ୟର

ଅର୍ଥ ମାରିନେବା, ସେ ମଧ୍ୟ ସ୍ୱପ୍ନ ମାଧ୍ୟମରେ କୌଣସି ସତ୍ୟ ଘଟଣା ସମ୍ବନ୍ଧରେ ସୂଚନା ପ୍ରାପ୍ତ କରିପାରେ । ଆମର ଦାବି ଯାହାକି ଆମେ ବାରମ୍ବାର ଲୋକମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଛୁ ତାହା ଏହିକି ଯେ, ଏପରି ସ୍ୱପ୍ନ ଓ ଏପରି ଐଶୀବାଣୀ ଯାହାକି ସଂଖ୍ୟା ଓ ଗୁଣବତ୍ତା (ଅବସ୍ଥା) ଦୃଷ୍ଟି କୋଣରୁ ସହସ୍ର ସଂଖ୍ୟାରେ ଉପନୀତ ହୋଇଛି ଏବଂ କେହି ତାହାର ମୁକାବିଲା କରିପାରିବ ନାହିଁ । ଏହି ଆସନ କେବଳ ସେହି ଲୋକମାନଙ୍କୁ ପ୍ରାପ୍ତ ହୋଇଥାଏ ଯାହାଙ୍କୁ ଈଶ୍ୱରଙ୍କ ପୁରସ୍କାର ବିଶେଷ ରୂପେ ମନୋନୀତ କରିଥାଏ । ତାହା ଅନ୍ୟ କାହାରିକୁ କେବେ ପ୍ରାପ୍ତ ହୋଇ ନଥାଏ ଯଦିଓ ଅନ୍ୟମାନଙ୍କୁ କଦାଚିତ ସଂଯୋଗ ବଶତଃ ସତ୍ୟସ୍ୱପ୍ନ ଅଥବା ଐଶୀବାଣୀ ହୋଇଯାଇଥାଏ । ତେବେ ଏହା ମଧ୍ୟ ମାନବ ଜାତିର ମଙ୍ଗଳ (ଉପକାର) ସାଧନ ପାଇଁ ଉଦ୍ଦିଷ୍ଟ । କାରଣ ଯଦି ଅନ୍ୟମାନଙ୍କ ଉପରେ ଦୈବୀ ପ୍ରକଟନ ଓ ଐଶୀବାଣୀର ଦ୍ୱାର ପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଏ ତେବେ ପ୍ରଭୁଙ୍କ ଅବତାରମାନଙ୍କ ଉପରେ ନିଷ୍ପାପର ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇ ଯାଇଥାନ୍ତା । ସେମାନେ ଆଦୌ ବୁଝିପାରି ନଥାନ୍ତେ ଯେ, ବାସ୍ତବପକ୍ଷେ ଏହି ଅବତାରଙ୍କ ଉପରେ ଐଶୀବାଣୀ ହେଉଅଛି ଅଥବା ଏମାନେ ପ୍ରତାରଣା କରୁଛନ୍ତି ଅଥବା କେବଳ ଭ୍ରମର ଶିକାର ହୋଇଛନ୍ତି । ମନୁଷ୍ୟର ସ୍ୱଭାବରେ ଏହା ଅନ୍ତର୍ଭୁକ୍ତ ଯେ, ଯେଉଁ ପ୍ରସଙ୍ଗରେ ତାହାକୁ ଉଦାହରଣ ଦ୍ୱାରା ବୁଝାଇ ନ ଦିଆଯାଏ ସେହି ବିଷୟ ସେ ପୂର୍ଣ୍ଣ ରୂପେ ବୁଝିପାରି ନଥାଏ ଏବଂ ଶେଷରେ ତା ମନରେ ଶଙ୍କା ଓ ଭ୍ରାନ୍ତ ଧାରଣା ଉତ୍ପନ୍ନ ହୁଏ । ଏଥିସକାଶେ ୟୁରୋପ ଓ ଆମେରିକାର ମଦ୍ୟପ ଜାତି ଯାହାଙ୍କ ମସ୍ତିଷ୍କ ମଦ୍ୟପାନ ଯୋଗୁଁ ଭ୍ରଷ୍ଟ ହୋଇଯାଉଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ସତ୍ୟସ୍ୱପ୍ନ ହେବାର ଅସ୍ୱୀକାରୀ ଅଟନ୍ତି । କାରଣ ସେମାନଙ୍କ ନିକଟରେ ତାହାର ଉଦାହରଣ ନାହିଁ । ସୁତରାଂ ଏହି କାରଣରୁ କୌଣସି ସତ୍ୟସ୍ୱପ୍ନ ଓ ଐଶୀବାଣୀ ନମୁନା ସ୍ୱରୂପ ଲୋକମାନଙ୍କୁ ପ୍ରଦାନ କରାଗଲା ଯଦ୍ୱାରା ଯେତେବେଳେ ସେମାନଙ୍କ ମଧ୍ୟରେ କୌଣସି ଅବତାର ପ୍ରକଟ ହେବେ ତାଙ୍କୁ ସ୍ୱୀକାର କରିବାରୁ ସେମାନେ ବଞ୍ଚିତ ରହିବେ ନାହିଁ ଏବଂ ସେମାନେ ବୁଝିନେବେ ଯେ, ଏହା ଏକ ନିରାଟ ସତ୍ୟ ଯେଉଁଥିରୁ ସିରା (ରସ) ଆକାରରେ ଆମକୁ ମଧ୍ୟ କିଛି ପ୍ରଦାନ କରାଯାଇଛି । କେବଳ ଏତିକି ପାର୍ଥକ୍ୟ ଯେ, ଏହି ସାଧାରଣ ଲୋକମାନେ ଜଣେ ଭିକାରୀ ସଦୃଶ ଅଟନ୍ତି । ଯାହା ନିକଟରେ କିଛି ଟଙ୍କା ଅଥବା ପଇସା ରହିଛି କିନ୍ତୁ ପରମେଶ୍ୱରଙ୍କ ଅବତାର ଓ ନବୀ ଆଧ୍ୟାତ୍ମିକ ଲୋକର ।*

❋❋❋ ❋❋❋ ❋❋❋

* ଏହି ପୁସ୍ତକର ଶେଷ ପୃଷ୍ଠା ହସ୍ତଗତ ହୋଇପାରିଲା ନାହିଁ । (ପ୍ରକାଶକ)